ଧରିତ୍ରୀ
DHARITRI
ଶୁକ୍ରବାର, ୧୭ ମେ, ୨୦୧୯



## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ମହୁଡ଼ା ଫାର୍ମାସୀ କଲେଜ ସମସ୍ୟା ନେଇ ବିକ୍ଷୋଭ। ସ୍ଥାନ-ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର୍‌ଙ୍କ କାର୍ଯ୍ୟାଳୟ। ସମୟ-ପୂର୍ବାହ୍ନ ୧୧ଟା ।
- ବିଶ୍ୱ ହାଇପର୍‌ଟେନ୍‌ଶନ୍ ଦିବସ। ସ୍ଥାନ-ଆଇଇସି ହଲ୍।ସମୟ- ଅପରାହ୍ନ ୪ଟା ।
- ବିଶ୍ୱ ଟେଲିଯୋଗାଯୋଗ ଏବଂ ସୂଚନା ସମାଜ ଦିବସ। ସ୍ଥାନ-ଉଠାଜଳସେଚନ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ। ସମୟ-ସନ୍ଧ୍ୟା ସାଢ଼େ ୬ଟା ।

# ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ଆରମ୍ଭରୁ ପ୍ରଶ୍ନପତ୍ରରେ ତ୍ରୁଟି

**ବ୍ରହ୍ମପୁର ଅଫିସ,୧୬।୫**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ପୁଣି ଖେଳ ଖେଳିଛି । ଗୁରୁବାର ଆରମ୍ଭ ହୋଇଥିବା ସ୍ନାତକୋତ୍ତର ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ପ୍ରଥମ ଦିନରେ ପ୍ରଶ୍ନପତ୍ରରେ ତ୍ରୁଟି ଦେଖାଦେଇଛି। 'ଅର୍ଗାନିକ୍ କେମିଷ୍ଟ୍ରି' ବିଷୟରେ ପୁରୁଣା ସିଲାବସରୁ ପ୍ରଶ୍ନ ଆସିଥିବା ଅଭିଯୋଗ ହୋଇଛି । ପୂର୍ବରୁ ଉକ୍ତ ବିଭାଗର ପ୍ରଥମ ସେମିଷ୍ଟର ପରୀକ୍ଷାରେ ପୁରୁଣା ସିଲାବସରୁ ପ୍ରଶ୍ନ ଆସିଥିବା ବେଳେ ପୁଣି ଦ୍ୱିତୀୟ ସେମିଷ୍ଟର ପରୀକ୍ଷାର ପ୍ରଥମ ଦିନରେ ଏହାର ପୁନରାବୃତ୍ତି ହୋଇଥିବା ଜଣାପଡିଛି । ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପଟରେ ବିଭାଗର ଛାତ୍ରୀଛାତ୍ରମାନେ ଗୁରୁବାର ପରୀକ୍ଷା ଦେବାକୁ ମନା କରିବା ସହ ପୁନର୍ବାର ନୂତନ ସିଲାବସ ଅନୁସାରେ ପ୍ରଶ୍ନପତ୍ର ପ୍ରସ୍ତୁତ କରି ପରୀକ୍ଷା କରିବାକୁ ପରୀକ୍ଷା ନିୟନ୍ତ୍ରକ ଓ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ତେବେ ଏଭଳି ଘଟଣା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅପାରଗତା ଓ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଖାମଖିଆଲି ମନୋଭାବକୁ ପଦାରେ ପକାଇଛି ।

ସୂଚନାଅନୁଯାୟୀ, ଛାତ୍ରୀଛାତ୍ରଙ୍କ ଦାବି ପରେ ଗୁରୁବାରରୁ ସ୍ନାତ୍ତକୋତ୍ତର ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ଆରମ୍ଭ ହୋଇଛି । କିନ୍ତୁ ପ୍ରଥମ ଦିନ ପରୀକ୍ଷାରୁ ହିଁ ପ୍ରଶ୍ନପତ୍ରରେ ତ୍ରୁଟିକୁ ନେଇ ଛାତ୍ର ଅସନ୍ତୋଷ ଦେଖାଦେଇଥିଲା । 'ଅର୍ଗାନିକ କେମିଷ୍ଟ୍ରି' ପ୍ରଶ୍ନପତ୍ରରେ ୬୦ ରୁ ୭୦ ପ୍ରତିଶତ ପ୍ରଶ୍ନ ପୁରୁଣା ସିଲାବସରୁ ଆସିଥିବା ଜଣାପଡିଥିଲା। ଏହାପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପୂର୍ବରୁ ସ୍ନାତକୋତ୍ତର ପ୍ରଥମ ସେମିଷ୍ଟର ପରୀକ୍ଷା ବେଳେ ରସାୟନ ବିଜ୍ଞାନ ବିଭାଗର ଗୋଟିଏ ପେପର ପ୍ରଶ୍ନପତ୍ରରେ ପୁରୁଣା ସିଲାବସର ପ୍ରଶ୍ନ ଆସିଥିଲା । ସେହି ସମୟରେ ଗ୍ରେସ ମାର୍କ ଦେବାକୁ କୁହାଯାଇଥିଲା। କିନ୍ତୁ ଚଳିତ ସେମିଷ୍ଟରରେ ପୁଣି ଏହାର ପୁନରାବୃତ୍ତି ହୋଇଥିବାରୁ ପରୀକ୍ଷା ଦେବାକୁ ଛାତ୍ରୀଛାତ୍ର ମନା କରିବା ସହ ହଲଛାଡି ଦେଇଥିଲେ । ଏଥିସହ ପୁନଃ ନୂତନ ସିଲାବସରେ ପରୀକ୍ଷା କରିବାକୁ ଦାବି କରିବା ସହ ପରୀକ୍ଷା ନିୟନ୍ତ୍ରକ ଓ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଅନ୍ୟପଟରେ ପ୍ରଶ୍ନପତ୍ରରେ ହୋଇଥିବା ତ୍ରୁଟି ଯାଞ୍ଚ ନେଇ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଥିବା ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ ସୂଚନା ଦେଇଛନ୍ତି । କମିଟି ପରାମର୍ଶ କ୍ରମେ ନୂତନ ସିଲାବସ ଅନୁଯାୟୀ ଉକ୍ତ ବିଷୟ ପରୀକ୍ଷା ପାଇଁ ଅନ୍ୟ ଏକ ଦିନ ଧାର୍ଯ୍ୟ କରାଯିବାକୁ ସେ ସୂଚାଇଛନ୍ତି ।

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**



- ଅର୍ଗାନିକ୍ କେମିଷ୍ଟ୍ରିରେ ପୁରୁଣା ସିଲାବସ ପ୍ରଶ୍ନ
- ପରୀକ୍ଷା ପୁନର୍ବାର କରିବାକୁ ଛାତ୍ରୀଛାତ୍ରଙ୍କ ଦାବି

## ପାନୀୟ ଜଳ ସମସ୍ୟା ନେଇ ଦାବିପତ୍ର

**ଜଗନ୍ନାଥପ୍ରସାଦ, ୧୬।୫(ଡି.ଏନ.ଏ.)**

ଜଗନ୍ନାଥପ୍ରସାଦ ବ୍ଲକ ନିକଟରେ ଥିବା ପାଇକ ସାହି, ତନ୍ତୀକଲୋନି, ନାରାୟଣ ପ୍ରସାଦ, କରଣ ସାହି, ଜଳିସାହି, ଗଡ଼ସାହି, ବଜାର ହାଟପଦା, ବଜାର ସାହି, କଇଥପଲ୍ଲୀର ଲୋକେ ୧୦ବର୍ଷ ଧରି ପାନୀୟ ଜଳ ପାଇଁ ହନ୍ତସନ୍ତ ହୋଇ ଆସୁଛନ୍ତି। ଏନେଇ ଶତାଧିକ ଲୋକ ଗୁରୁବାର ବ୍ଲକକୁ ଆସି ବିଡିଓ ଅନୁପସ୍ଥିତି ଥିବାରୁ ଜିପିଓ ଅଶୋକ କୁମାର ଜେନାଙ୍କୁ ପାନୀୟ ଜଳ ଯୋଗାଇବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ବାଧ ହୋଇ ଗଣଧାରଣାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରତିବର୍ଷ ଖରାଦିନେ ପାନୀୟଜଳ ସମସ୍ୟା ଦେଖା ଦେଉଛି। ମାତ୍ର ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ନିର୍ବାଚନ ପୂର୍ବରୁ କେତେକ ସାହିରେ ଟ୍ୟାଙ୍କର ଯୋଗେ ଜଳ ବଣ୍ଟନ କରୁଥିବାବେଳେ ବର୍ତ୍ତମାନ କାହାରି ଦେଖାନାହିଁ ବୋଲି ଲୋକେ କହିଛନ୍ତି।

## ୨୦ କିଲୋ ପଲିଥିନ, ପ୍ଲାଷ୍ଟିକ ଜବତ



**ବ୍ରହ୍ମପୁର ଅଫିସ,୧୬।୫:** ବ୍ରହ୍ମପୁର ମହାନଗରକୁ ପଲିଥିନ ଓ ପ୍ଲାଷ୍ଟିକ ମୁକ୍ତ ସହରରେ ପରିଣତ କରିବାକୁ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଗୁରୁବାର ପୁଣି ଚଢ଼ାଉ କରାଯାଇଛି। ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଫିସର ତରୁଣ କାନ୍ତଙ୍କ ନେତୃତ୍ୱରେ ଗଠିତ ଟିମ୍ ଗେଟବଜାର, ଗରିମାର୍କେଟ, ହାଉସିଂବୋର୍ଡ କଲୋନୀ ଅଞ୍ଚଳରେ ବିଭିନ୍ନ ଦୋକାନରେ ଚଢ଼ାଉ କରି ପ୍ରାୟ ୨୦ କିଲୋ ଓଜନର ପଲିଥିନ ଓ ପ୍ଲାଷ୍ଟିକ ସାମଗ୍ରୀ ଜବତ କରିଥିବା ଜଣାପଡିଛି। ଉପରୋକ୍ତ ଅଞ୍ଚଳରେ ପ୍ରାୟ ୩୦ ରୁ ୪୦ ଉଠାଦୋକାନୀଙ୍କ ସମେତ ୨ଟି ହୋଲସେଲ ଦୋକାନରେ ଟିମ୍ ଚଢ଼ାଉ କରି ବିପୁଳ ପରିମାଣର ପଲିଥିନ ଓ ପ୍ଲାଷ୍ଟିକ ସାମଗ୍ରୀ ଜବତ କରିବା ସହ ଜରିମାନା ବାବଦକୁ ୧୩ ହଜାର ଟଙ୍କା ଆଦାୟ କରିଥିବା ଏନ୍‌ଫୋର୍ସମେଣ୍ଟ ଅଫିସର ସୂଚନା ଦେଇଛନ୍ତି।

## ପୋଖରୀରୁ ମୃତଦେହ ଉଦ୍ଧାର

**କୋଦଳା,୧୬।୫(ଡି.ଏନ୍.ଏ.):** କୋଦଳା ଥାନା ଧନର୍ଜୟପୁର ଜମ୍ବେଶ୍ୱର ପୋଖରୀରୁ ଗୁରୁବାର ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ଫାସି ଗ୍ରାମ ସାମନ୍ତରାପୁର ସାହିର ରାଜି କୁମାର ସ୍ୱାଇଁ (୩୫)। ରାଜି ଅପରାହ୍ନରେ ପୋଖରୀ ହୁଡାରେ ବସିଥିବା କେତେଜଣ ଲୋକ ଦେଖିଥିଲେ। ସନ୍ଧ୍ୟାରେ ଗ୍ରାମର କେତେଜଣ ଲୋକ ପୋଖରୀରେ ଗାଧୋଉଥିବାବେଳେ ସେମାନଙ୍କ ଗୋଡରେ ରାଜିଙ୍କ ମୃତଦେହ ବାଜିଥିଲା। ସେମାନେ ତାଙ୍କୁ ଉଦ୍ଧାର କରି କୂଳକୁ ଆଣି ପୋଲିସକୁ ଖବର ଦେଇଥିଲେ। କୋଦଳା ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡିନାହିଁ।

# ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗାକୁ ଡିଏସ୍‌ଓର ନିନ୍ଦା




ବ୍ରହ୍ମପୁର କମାପଲ୍ଲୀ ଛକରେ ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

**ବ୍ରହ୍ମପୁର ଅଫିସ୍,୧୬।୫**

ଗତ ମଙ୍ଗଳବାର ସନ୍ଧ୍ୟାରେ କଲିକତାରେ ନିର୍ବାଚନ ହିଂସା ବେଳେ ବିଦ୍ୟାସାଗର କଲେଜ ପରିସରରେ ଥିବା ସମାଜ ସଂସ୍କାରକ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗି ଦିଆଯାଇଥିଲା। ଭାରତୀୟ ଜନତା ପାର୍ଟି(ଭାଜପା), ରାଷ୍ଟ୍ରୀୟ ସ୍ୱୟଂ ସହାୟକ ସଂଘ(ଆର୍‌ଏସ୍‌ଏସ୍) ଏବଂ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର କର୍ମକର୍ତ୍ତାମାନେ ବିଦ୍ୟାସାଗରଙ୍କ ମୂର୍ତ୍ତି ଭାଙ୍ଗିଛନ୍ତି ବୋଲି ଅଭିଯୋଗ କରିଛି ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟ ଅର୍ଗାନାଇଜେଶନ୍(ଏଆଇଡିଏସ୍‌ଓ)। ଗୁରୁବାର ସ୍ଥାନୀୟ କମାପଲ୍ଲୀ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ସହ ଯେଉଁମାନେ ମୂର୍ତ୍ତି ଭଙ୍ଗାରେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ସଂଗଠନ ପକ୍ଷରୁ କୁହାଯାଇଛି, ଭାରତବର୍ଷର ନବଜାଗରଣ ଆନ୍ଦୋଳନର ପୁରୋଧା ବିଦ୍ୟାସାଗର ଧର୍ମାନ୍ଧତା, କୂପମଣ୍ଡୁକତା, କୁସଂସ୍କାର, ସାମନ୍ତବାଦୀଙ୍କୁ ବିରୋଧ କରୁଥିଲେ। ବୈଜ୍ଞାନିକ ଏବଂ ଯୁକ୍ତିବାଦୀ ଚେତନାକୁ ସମର୍ଥନ କରୁଥିଲେ। ବିଧବା ବିବାହ ପ୍ରବର୍ତ୍ତକ, ନାରୀଶିକ୍ଷା, ବୈଜ୍ଞାନିକ ଶିକ୍ଷା ପ୍ରଚଳନ ସହ ରୁଢ଼ିବାଦୀ ପୁରାତନ ଚିନ୍ତା ଚେତନା ବିରୋଧରେ ସ୍ୱରଉତ୍ତୋଳନ କରିଥିଲେ। ଭାଜପା ଅଧ୍ୟକ୍ଷ ଅମିତ ଶାହାଙ୍କ ରୋଡ୍ ଶୋ' ବେଳେ ତାଙ୍କ ସମର୍ଥକମାନେ ବିଦ୍ୟାସାଗର କଲେଜରେ ଭଙ୍ଗାରୁଜା କରିଥିଲେ। ସମଗ୍ର ଦେଶ ବିଦ୍ୟାସାଗରଙ୍କ ଦୁଇଶହ ବର୍ଷ ଜନ୍ମ ବାର୍ଷିକୀ ପାଳନ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଆର୍‌ଏସ୍‌ଏସ୍, ଭାଜପା ଏବଂ ଏବିଭିପିର କର୍ମକର୍ତ୍ତାମାନେ ତାଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗିବା ନିନ୍ଦନୀୟ । ଭାଜପା ସମଗ୍ର ଦେଶରେ ଫାଶୀବାଦ ଆଣିବା ପାଇଁ ଲଗାତର ଭାବେ ପ୍ରଗତିଶୀଳ ଚିନ୍ତାନାୟକଙ୍କ ଉପରେ ଆକ୍ରମଣ କରୁଛି ବୋଲି ଏଆଇଡିଏସ୍‌ଓ ପକ୍ଷରୁ କୁହାଯାଇଛି। ଏହି ବିକ୍ଷୋଭରେ ସଂଗଠନ ରାଜ୍ୟ ଉପସଭାପତି ସୋମନାଥ ବେହେରା, ଜିଲା ସଭାପତି ଶିବାନୀ ଶଙ୍କର ମିଶ୍ର, ସମ୍ପାଦକ ନିମାଇଁ ଚରଣ ସାହୁ, ତିରୁପତି ସାହୁ, ନାରାୟଣ ସାହୁ, ପପୁନ ସାହୁ, ବିଭୂତି ସାହୁ, ଶୁଭସ୍ମିତା ପାଣିଗ୍ରାହୀ ଏବଂ ଅଲିଭା ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ଅଧ୍ୟାପକଙ୍କ କ୍ୱାର୍ଟର୍ସରୁ ଚୋରି କବାଟ ଭାଙ୍ଗି ଲୁଟିନେଲେ ଦୁର୍ବୃତ୍ତ

**ବ୍ରହ୍ମପୁର ଅଫିସ,୧୬।୫**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗତ ମଙ୍ଗଳବାର ରାତିରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଥିବା କ୍ୱାର୍ଟର୍ସ ନଂ. ଏ–୫ରେ ରହୁଥିବା ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପକ ତପନ କୁମାର ବାରିକଙ୍କ କ୍ୱାର୍ଟର୍ସରୁ ଚୋରି ହୋଇଛି । ଏନେଇ ଗୁରୁବାର ଅଧ୍ୟାପକ ତପନ ବିଶ୍ୱବିଦ୍ୟାଳୟ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଅଭିଯୋଗ ପ୍ରକାରେ, ମଙ୍ଗଳବାର ଗରମ ଯୋଗୁ ତପନ ଛାତ ଉପରକୁ ଶୋଇବାକୁ ଯାଇଥିଲେ । ଏହାର ସୁଯୋଗ ନେଇ କେତେକ ଦୁର୍ବୃତ୍ତ କବାଟ ଭାଙ୍ଗି ଘରେ ପଶିଥିଲେ। ପର୍ସରେ ଥିବା ୩୫୦୦ ଟଙ୍କା ସହ ଗୋଟିଏ ମୋବାଇଲ ଫୋନ, ଏକ କ୍ୟାମେରା, ହାର୍ଡଡିସ୍କକୁ ଚୋରି କରି ନେଇଥିବା ତପନ କହିଛନ୍ତି। ଗୁରୁବାର ଏନେଇ ବିଶ୍ୱବିଦ୍ୟାଳୟ ଫାଣ୍ଡିରେ ଲିଖିତ ଅଭିଯୋଗ ଦେବା ପରେ ତଦନ୍ତ ଆରମ୍ଭ କରିଥିବା ଫାଣ୍ଡି ଅଧିକାରୀ ଏସ୍. ଶଙ୍କର ରାଓ ସୂଚାଇଛନ୍ତି ।

## ମହାନ୍ କାମ ପାଇଁ ମନେରହିବେ କୁସୁମ

**ବ୍ରହ୍ମପୁର ଅଫିସ୍,୧୬।୫**

ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍‌ରେ କୁସୁମ ଦାସଙ୍କ ପ୍ରଥମ ମୃତ୍ୟୁ ବାର୍ଷିକୀ ଗୁରୁବାର ପାଳିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କୁଳପତି ଡ. ସୂର୍ଯ୍ୟକିରଣ ପଟ୍ଟନାୟକ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଡା. ପ୍ରମୋଦ ପଟ୍ଟନାୟକ, ବିଶିଷ୍ଟ ଲେଖିକା ଅମିୟବାଳା ପଟ୍ଟନାୟକ ଏବଂ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟ ଯୋଗ ଦେଇଥିଲେ। ଏକଲବ୍ୟ କଳା ନିକେତନର ପୂର୍ବତନ ନିର୍ଦ୍ଦେଶିକା କୁସୁମ ଦାସଙ୍କ ମୃତ୍ୟୁ ପରେ ପରିବାର ବର୍ଗ ତାଙ୍କ ପାର୍ଥିବ ଶରୀରକୁ ଏମ୍‌କେସିଜି ମେଡିକାଲ୍ କଲେଜକୁ ଦାନ କରିଥିଲେ । ଏଥି ସହ ତାଙ୍କର ଚକ୍ଷୁ ମଧ୍ୟ ଦାନ କରାଯାଇଥିଲା। ସେ ସର୍ବଦା ଏହି ମହାନ କାର୍ଯ୍ୟ ପାଇଁ ମନେରହିବେ ବୋଲି ଅତିଥି ଓ ବକ୍ତାମାନେ କହିଥିଲେ । ଏକଲବ୍ୟ କଳା ନିକେତନର ଶିଶୁ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏକଲବ୍ୟ କଳା ନିକେତନ ନିର୍ଦ୍ଦେଶିକା ଦୀପ୍ତି ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇ ଥିବାବେଳେ ମୋନାଲିସା ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ କୁନି କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ସ୍ୱର୍ଗତା ଦାସଙ୍କ ସ୍ୱାମୀ ତଥା ସିପିଆଇଏମ୍‌ର ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ, ବିଡିଏ ଅଧ୍ୟକ୍ଷ ସୁବାସ ମହାରଣାଙ୍କ ସମେତ ଯୁଧିଷ୍ଠିର ବେହେରା, ବସନ୍ତ ନନ୍ଦ ଓ ବ୍ରହ୍ମପୁର ସହରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।




ଶ୍ରଦ୍ଧାଞ୍ଜଳି ସଭାରେ ମଞ୍ଚାସୀନ ଅତିଥି ।

## ଜମି ଦେବା ନାଁରେ ଠକେଇ :ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ବ୍ରହ୍ମପୁର ଅଫିସ,୧୬।୫**

ସଦର ଥାନା ପୋଲିସ ଜମି ଦେବା ନାଁରେ ଟଙ୍କା ନେଇ ଠକେଇ କରିଥିବା ଅଭିଯୋଗରେ ବୁଧବାର ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଜଣଙ୍କ ଲୋଚାପଡା ଶକ୍ତିନଗର ୫ ଲେନ୍‌ର ଅଯୋଧ୍ୟା ପାଣିଗ୍ରାହୀ (୪୨) । ଗୁରୁବାର ଅଯୋଧ୍ୟାଙ୍କୁ ମାମଲା ନଂ. ୯୮/୧୯ରେ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ଭାବନାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି । ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ପ୍ରକାଶ ଯେ, ଏମକେସିଜି ମେଡିକାଲର ଡାକ୍ତର ସୂର୍ଯ୍ୟନାରାୟଣ ସାହୁଙ୍କୁ ୧ ବର୍ଷ ତଳେ ଜମି କିଣା–ବିକା କରାଉଥିବା ଅଯୋଧ୍ୟା ପାଣିଗ୍ରାହୀ ଭେଟିଥିଲେ। ସୁଲଭ ମୂଲ୍ୟରେ ଜମି ଯୋଗାଇଦେବାକୁ କହି ଅଯୋଧ୍ୟା ଡାକ୍ତରଙ୍କଠାରୁ ୩ ଲକ୍ଷ ଟଙ୍କା ନେଇଥିଲେ। ହେଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ଡାକ୍ତର ଜମି ପାଇ ନ ଥିଲେ କିମ୍ବା ଦେଇଥିବା ଟଙ୍କା ମଧ୍ୟ ପାଇ ନ ଥିଲେ। ଫଳରେ ସେ ଥାନାରେ ଅଭିଯୋଗ କରିଥିଲେ ।

## ଉଜୁଡ଼ିଯାଇଛି କଦଳୀ ବଗିଚା, ପରିବା ଫସଲ

**ବ୍ରହ୍ମପୁର ଅଫିସ,୧୬।୫**

**ଗଞ୍ଜାମ ଜିଲାରେ 'ଫନୀ' ପ୍ରଭାବ**

ସାମୁଦ୍ରିକ ବାତ୍ୟା ଫନୀର ଦୁଇ ସପ୍ତାହ ବିତିଛି । ଏହାର ପ୍ରଭାବରେ ଉଜୁଡ଼ି ଯାଇଛି ଗଞ୍ଜାମ ଜିଲାର କଦଳୀ ବଗିଚା ଓ ପରିବା ଫସଲ। ଫଳରେ ଉପକୂଳ ସମେତ ବିଭିନ୍ନ ଅଞ୍ଚଳର ଚାଷୀମାନେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛନ୍ତି। ଉଦ୍ୟାନ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାର ସହାୟତା ଦେବାକୁ ଚାଷୀ ସଂଗଠନ ନେତାମାନେ ଦାବି କରିଛନ୍ତି। ଶେରଗଡ଼, ରଙ୍ଗେଇଲୁଣ୍ଡା, ଗଞ୍ଜାମ, ବେଗୁନିଆପଡ଼ା, ଖଲ୍ଲିକୋଟ ଆଦି ବ୍ଲକରେ ଫନୀ ଦ୍ୱାରା ଶହ ଶହ ହେକ୍ଟର ଜମିରେ ହୋଇଥିବା କଦଳୀ ବଗିଚା ନଷ୍ଟ ହୋଇଯାଇଥିବାରୁ ଏବେ ବ୍ରହ୍ମପୁର ବଜାରରେ କଦଳୀ ମରୁଡ଼ି ଦେଖାଦେଇଛି। ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଭାରତରୁ କଞ୍ଚା ଓ ପାଚିଲା କଦଳୀ ଆସୁଥିବା ବଡ଼ବଜାରସ୍ଥିତ ଗୋଦାମ ମାଲିକଙ୍କ ପକ୍ଷରୁ କୁହାଯାଇଛି ।

ଅପରପକ୍ଷରେ ଜିଲାର ବିଭିନ୍ନ ଅଞ୍ଚଳରେ ନଡ଼ିଆ, କାଜୁ, ଆମ୍ବ, ପଣସ ମଧ୍ୟ ନଷ୍ଟ ହୋଇଥିବା ଚାଷୀ ସଂଗଠନ ପକ୍ଷରୁ ସୂଚନା ମିଳିଛି। ଋଷିକୁଲ୍ୟା, ବଡ଼ନଦୀ, ବାହୁଦା, ଘୋଡ଼ାହାଡ଼ ଆଦି ନଈକୂଳିଆ ଗ୍ରାମଗୁଡିକରେ ଫନୀ ପ୍ରଭାବ ଓ ବର୍ଷା ବିପ୍ରାତରେ ପରିବା ଫସଲ ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଛି । ବାଇଗଣ, ସାରୁ, କଲରା, ଟମାଟୋ ଓ ଲଙ୍କା ଫସଲ ମଧ୍ୟ ନଷ୍ଟ ହୋଇଯାଇଛି। ତେଣୁ ବଜାର ଗୁଡିକରେ ବିଭିନ୍ନ ପରିବା ଦର ଲଗାମ ଛଡ଼ା ହୋଇଯାଇଛି । ୨ ଶହ ଟଙ୍କାର ପରିବା କିଣିଲେ ବ୍ୟାଗ ଭର୍ତ୍ତି ହେଉ ନ ଥିବା ଦର୍ଶାଇ ଜଣେ ଗୃହିଣୀ ଶିଖା ପଣ୍ଡା ଗୁରୁବାର ଉଦ୍‌ବେଗ ପ୍ରକାଶ କରିଛନ୍ତି । ଆଳୁ, ପିଆଜ ମୂଲ୍ୟ ମଧ୍ୟ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଥିବାରୁ ହାଣ୍ଡିଶାଳକୁ ପ୍ରଭାବିତ କରିଥିବା ସେ ଦର୍ଶାଇଛନ୍ତି ।

ଦୁଇ ସପ୍ତାହ ତଳର ବାତ୍ୟାରେ ଜିଲାର ଅନେକ ଅଞ୍ଚଳରେ ସଜନା (ମୁନିଗା) ଗଛଗୁଡ଼ିକ ଭାଙ୍ଗି ଯାଇଥିବାରୁ ଏହାର ଘୋର ଅଭାବ ଦେଖାଦେଇଛି । ପରିବା ବଜାରରେ ଅହେତୁକ ଦରବୃଦ୍ଧି ଘଟିଛି। ଦେଶୀ ଓ କଟକୀ ପୋଟଳ, ଝୁଡୁଙ୍ଗ, ଗୋବର୍ଦ୍ଧନ ଝଟା ଓ କୋବି ଦର ମଧ୍ୟ ଚଢ଼ା ହୋଇଯାଇଥିବାରୁ ଖାଉଟିଙ୍କ ମୁଣ୍ଡବିନ୍ଧା ବଢ଼ି ଯାଇଛି। ଉପକୂଳ ଅଞ୍ଚଳରେ ଝାଉଁ ବଣ ଏବଂ ଗୋଳନ୍ଥରା ଓ ହିଞ୍ଜିଳି ବ୍ଲକର ପାନବରଜ ଗୁଡ଼ିକ ଭାଙ୍ଗି ଯାଇଥିବା ଖବର ମିଳିଛି। ଜିଲାର ବିଭିନ୍ନ ସ୍ଥାନରେ ଡ଼ାଲୁଅ ଧାନଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି ।

- ଦଳିତ ବିରୋଧୀ ହିଂସାକୁ ଉସ୍‌କାଉଛି ପୋଲିସ

# ଅଭିଯୋଗ ସତ୍ତ୍ୱେ ନିଆଯାଉନି କାର୍ଯ୍ୟାନୁଷ୍ଠାନ

**ବ୍ରହ୍ମପୁର ଅଫିସ୍,୧୬।୫**

ପୋଲିସ ବିଭାଗର ଅପାରଗତା ଯୋଗୁ ଗଞ୍ଜାମ ଜିଲାରେ ଦଳିତଙ୍କ ବିରୋଧରେ ନିର୍ଯାତନା ବଢ଼ିବାରେ ଲାଗିଛି। ଅଭିଯୋଗ ସତ୍ତ୍ୱେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ନୀରବ ରହୁଛି । ଏହା ଦଳିତ ବିରୋଧୀ ହିଂସାକୁ ବଢ଼ାଉଛି। କୌଣସି ଗୋଟିଏ ଜାଗା ନୁହେଁ, ସୋରଡ଼ାରୁ ଦିଗପହଣ୍ଡି, ଆସିକାରୁ ଧରାକୋଟ ସବୁଆଡ଼େ ଏବେ ନିଜକୁ ଅସୁରକ୍ଷିତ ମଣିଲେଣି ଦଳିତ। ପ୍ରତିବାଦରେ ଆସନ୍ତା ୨୦ତାରିଖରେ ସୋରଡ଼ାରେ ଏକ ବିରାଟ ବିକ୍ଷୋଭ ସମାବେଶ ଆୟୋଜିତ ହେଉଛି। ଗୁରୁବାର ଗଞ୍ଜାମ କଳା ପରିଷଦରେ ଦଳିତ–ଆଦିବାସୀ ସମନ୍ୱୟ ସମିତି ଏବଂ ଅଖିଳ ଭାରତ କିଷାନ୍ ମଜଦୁର୍ ସଭା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦିଆଯାଇଛି ।

ଏପ୍ରିଲ୍ ୨୪ତାରିଖରେ ସୋରଡ଼ା ବ୍ଲକ ସନ୍ଧି ଗୁଣ୍ଡିରିବାଡ଼ି ଗ୍ରାମରେ ସବର୍ଣ୍ଣ ସମ୍ପ୍ରଦାୟର କେତେକ ଅସାମାଜିକ ଲୋକଙ୍କ ଦ୍ୱାରା ଦଳିତ ଲୋକଙ୍କ ଉପରେ ଜାତିଗତ ବିଦ୍ୱେଷ ଓ ହିଂସା ସଂଗଠିତ ହୋଇଥିଲା। ଦଳିତ ଯୁବକଙ୍କ ବିବାହ ଅବସରରେ ଗାଁ ରାସ୍ତା ଦେଇ ମନ୍ଦିରକୁ ବିବାହ ପଟୁଆରେ ଯାଉଥିଲେ। ଏହି ସମୟରେ ସବର୍ଣ୍ଣ ବର୍ଗର କେତେକ ଲୋକ ସଂଘବଦ୍ଧ ହୋଇ ଛାତ ଉପରୁ ପଟୁଆର ଉପରକୁ ପଥର ଫୋପାଡିବା ସହ ଠେଙ୍ଗାରେ ଆକ୍ରମଣ କରିଥିଲେ। ବହୁ ଅସବର୍ଣ୍ଣ ଏଥିରେ ଆହତ ହୋଇଥିଲେ। ଏହାର କିଛି ଦିନ ପୂର୍ବରୁ ଜଣେ ଦଳିତ ଯୁବକ ମନ୍ଦିରରେ ପ୍ରବେଶ କରିବାରୁ ତାଙ୍କ ଉପରେ ଲକ୍ଷାଧିକ ଟଙ୍କା ଜରିମାନା କରାଯାଇଥିଲା। ଉଭୟ ଘଟଣା ସମ୍ପର୍କରେ ପୋଲିସ ଏବଂ ଜିଲା ପ୍ରଶାସନକୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଓଲଟି ଦୁଇ ଜଣଙ୍କ ନାମ ଏତଲାରୁ ହଟାଇବା ପାଇଁ ପୋଲିସ ଚାପ ପକାଉଛି । ଦଳିତମାନେ ଏଥିରେ ରାଜି ନ ହେବାରୁ ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ପୋଲିସ ଗିରଫ କରିଛି । ସେହିଭଳି ମାର୍ଚ୍ଚ ପ୍ରଥମ ସପ୍ତାହରେ ଆସିକା ଥାନା କମାଗଡ଼ ଗାଁରେ ସୁବାସ ନାୟକଙ୍କୁ ସବର୍ଣ୍ଣ ଜାତିର କେତେକ ବ୍ୟକ୍ତି ହତ୍ୟାକରି କୂଅରେ ପକାଇ ଦେଇଥିଲେ । ତାଙ୍କ ପୁଅ ତଥା ଦଳିତ ନେତା ସନ୍ତୋଷ ନାୟକ ଏନେଇ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ପଚରାଉଚରା କରି ପୋଲିସ ଛାଡ଼ିଦେଇଛି। ହତ୍ୟାର କୌଣସି ପ୍ରମାଣ ନାହିଁ ବୋଲି ପୋଲିସ କହୁଛି। ଏହି ଗ୍ରାମରେ ୨ ବର୍ଷ ପୂର୍ବରୁ ଦଳିତମାନଙ୍କୁ ଗାଁରୁ ବାସନ୍ଦ କରାଯିବା ସହ ଘର ଜାଳି ଦିଆଯାଇଥିଲା। ବିଗତ ଦିନରେ ସୋରଡ଼ା ବ୍ଲକ କୁଲାଙ୍ଗୀ ଓ ଦୂରେଖାଦେଇପୁର, ଜଗନ୍ନାଥପ୍ରସାଦ ବ୍ଲକ ପଞ୍ଚଭୂତି, ବୁଗୁଡ଼ା ବ୍ଲକ ପାଙ୍ଗିଡ଼ି, ଦିଗପହଣ୍ଡି ବ୍ଲକ ସିନ୍ଧବା, ଧରାକୋଟ ବ୍ଲକ ସଡ଼ଙ୍ଗାପଲ୍ଲୀରେ ମଧ୍ୟ ଦଳିତଙ୍କ ବିରୋଧରେ ହିଂସା ଏବଂ ନିର୍ଯାତନା ଜନିତ ଘଟଣା ଦେଖିବାକୁ ମିଳିଛି। ଦଳିତଙ୍କୁ କେଉଁଠି ମନ୍ଦିର ପ୍ରବେଶ ଉପରେ କଟକଣା ଲଗାଯାଇଛି ତ ଆଉ କେଉଁଠି ସାମୂହିକ ଭୋଜିରେ ଏକାଠି ବସିବାକୁ ମନା କରାଯାଇଛି । ବିବାହ ଶୋଭାଯାତ୍ରା ଉପରେ କଟକଣା, ମନଇଚ୍ଛା ଜରିମାନା ଆଦାୟ, ହତ୍ୟା, ଆକ୍ରମଣ ଓ ଗୃହଦାହ ଜନିତ ଘଟଣା ଲଗାତର ବଢ଼ୁଛି । ଅଧିକାଂଶ ଅଭିଯୋଗରେ ପୋଲିସ ଖୋଲାଖୋଲି ଭାବେ ଆପରାଧୀଙ୍କୁ ସାହାଯ୍ୟ କରିବା ପାଇଁ ମାମଲାକୁ ଦୁର୍ବଳ କରିଦେଉଛି । ତଦନ୍ତକୁ ବିଳମ୍ବ କରାଯାଉଛି।



ଖବରଦାତା ସମ୍ମିଳନୀରେ ଉଭୟ ସଂଗଠନର କର୍ମକର୍ତ୍ତା।

### ୨୦ରେ ବିଶାଳ ଦଳିତ ବିକ୍ଷୋଭ ସମାବେଶ

ସୋରଡ଼ା ବ୍ଲକ ଗୁଣ୍ଡିରିବାଡ଼ି ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ, ପୀଡ଼ିତ ଦଳିତଙ୍କୁ କ୍ଷତିପୂରଣ ଏବଂ ଗ୍ରାମରେ ଶାନ୍ତି ପ୍ରତିଷ୍ଠା ପାଇଁ ଅତୀତରେ ପୋଲିସ ଏବଂ ପ୍ରଶାସନ ନିକଟରେ ଦାବି କରାଯାଇଛି । ହେଲେ କୌଣସି ସୁଫଳ ମିଳିନି । ଏଣୁ ଆସନ୍ତା ୨୦ତାରିଖରେ ସୋରଡ଼ା ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ଦଳିତ–ଆଦିବାସୀ ସମନ୍ୱୟ ସମିତି ପକ୍ଷରୁ ତଥା ଅଖିଳ ଭାରତ କିଷାନ ମଜଦୁର ସଭା ସହଯୋଗରେ ଏକ ବିରାଟ ବିକ୍ଷୋଭ ସମାବେଶ ଆୟୋଜିତ ହେବ। ଏଥିରେ ବହୁ ସଂଖ୍ୟାରେ ଦଳିତ ଯୋଗଦେବେ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି। ସମିତିର ବିଦ୍ୟାଧର ନାୟକ, ମଜଦୁର ସଭାର ରଘୁନାଥ ନାୟକ, କୃଷ୍ଣଚନ୍ଦ୍ର ନାୟକ, ଶିବ ନାୟକ, ମାନବବାଦୀ ହେତୁବାଦୀ ସଂଗଠନର ରାଜା ସୁରେଶ ଏବଂ ଭାଲଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ମଦ ଜବତ,ଜଣେ ଗିରଫ

ଜି.ଉଦୟଗିରି,୧୬।୫(ଡି.ଏନ୍.ଏ.)- ଜି.ଉଦୟଗିରି ପୋଲିସ ବୁଧବାର ସନ୍ଧ୍ୟାରେ ରତିଙ୍ଗିଆ ନିକଟସ୍ଥ ଇନ୍ଦ୍ରଗଡରେ ଚଢାଉ କରି ଜଣକ ଘର ବାରିପଟୁ ୧୦ ଲିଟର ମହୁଲି ମଦ ଜବତ କରିଥିଲା। ମଦ ରଖିବା ଅଭିଯୋଗରେ ଘର ମାଲିକ ରାଜୁ ନାୟକଙ୍କୁ ଗିରଫ କରିଛି। ନଂ.୫୬/୧୯ରେ ମାମଲା ରୁଜୁ କରାଯାଇଛି।

### ଫନୀ ବିପନ୍ନଙ୍କୁ ସହାୟତା

ଶେରଗଡ,୧୬।୫(ଡି.ଏନ୍.ଏ.)- ଫନୀ ବାତ୍ୟା ବିପନ୍ନଙ୍କ ପାଇଁ ଶେରଗଡ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ବିଇଓ ଭାସ୍କର ଲେଙ୍କାଙ୍କ ପ୍ରଚେଷ୍ଟାରେ ବୁଧବାର ୧ଲକ୍ଷ ୪୨ହଜାର ୨ ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ପ୍ରଦାନ କରିଛନ୍ତି। ଏହି ସହାୟତା ଶେରଗଡ ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷା ବିଭାଗ କର୍ମଚାରୀମାନେ ଦାନ କରିଛନ୍ତି।

### ଜୁଆଆଡ୍ଡାରେ ଚଢ଼ାଉ, ୧୩ ଗିରଫ

କନିଷି,୧୬।୫(ଡି.ଏନ.ଏ.)-ଗୋଳନ୍ଥରା ପୋଲିସ ବୁଧବାର ରାତିରେ ଏକ ଜୁଆ ଆଡ୍ଡା ଉପରେ ଚଢାଉ କରି ୧୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଟଙ୍କା, ମୋଟର ସାଇକେଲ ଓ ଖେଳ ସାମଗ୍ରୀ ଜବତ କରିଥିବା ଜଣାପଡିଛି। ନଂ.୧୩୫/୧୯ରେ ମାମଲା ରୁଜୁକରି ଗିରଫ ଜୁଆଡିମାନଙ୍କୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ବାବୁଲି ନାୟକ କହିଛନ୍ତି। ରଙ୍ଗେଇଲୁଣ୍ଡା ବ୍ଲକ ଅଞ୍ଚଳରେ ଏକ ଜୁଆଆଡ୍ଡା ଚାଲିଥିବା ଖବର ପାଇ ପୋଲିସ ଚଢାଉ କରିଥିଲା। ସେଠାରୁ ୧୩ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୪୧,୫୦୦ ଟଙ୍କା, ୭ ବାଇକ୍ ଜବତ କରିଥିବା ବେଳେ ଗିରଫମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

### ଦ୍ୱିତୀକୃଷ୍ଣଙ୍କ ବିୟୋଗରେ ଶୋକସଭା

ଗଞ୍ଜାମ,୧୬।୫(ଡି.ଏନ.ଏ.)- ବରିଷ୍ଠ କମ୍ୟୁନିଷ୍ଟ ନେତା ତଥା ପୂର୍ବତନ ଏମପି, ବିଧାୟକ ତଥା ଶ୍ରମିକ ନେତା ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ବିୟୋଗରେ ପୁଇଁତୋଳାସ୍ଥିତ ମା' କନକ ଦୁର୍ଗା ମନ୍ଦିର ପରିସରରେ ବୁଧବାର ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ଜିଲା ପରିଷଦ ସଭ୍ୟ କୈଳାସ ଚନ୍ଦ୍ର ପଲାଇ ଅଧକ୍ଷତା କରିଥିଲେ। ବିପିନ ବାରିକ, ହରି ବିଶ୍ୱାଳ, ବିଦ୍ୟାଧର ବିଶ୍ୱାଳ, ଜୟକୃଷ୍ଣ ବାରିକି, ପୂର୍ବତନ ଏନଏସି ଉପାଧକ୍ଷ ନିଳାଞ୍ଚଳ ବାରିକି, ପୂର୍ବତନ ଏମପି ପ୍ରତିନିଧି ତଥା ବଣିକ ସଂଘ ସଭାପତି ଗୌରୀ ଶଙ୍କର ବାରିକି, ସିପିଆଇ ଜୋନ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଲାଇ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପଣ୍ଡାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ।

### ସାପ କାମୁଡ଼ାରେ ଜଣେ ମୃତ

ପାତ୍ରପୁର,୧୬।୫(ଡି.ଏନ୍.ଏ.): ପାତ୍ରପୁର ବ୍ଲକ ଜରଡ଼ାଗଡ଼ ନୂଆସାହିର ଜଣେ ବ୍ୟକ୍ତିଙ୍କର ସାପ କାମୁଡାରେ ମୃତ୍ୟୁ ଘଟିଛି। ସେ ହେଲେ ପ୍ରକାଶ ସେଠୀ। ପ୍ରକାଶ ସନ୍ଧ୍ୟାରେ ଘରେ କାମ କରୁଥିବାବେଳେ ତାଙ୍କ ଗୋଡକୁ ଏକ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ସାପ କାମୁଡା ଇଞ୍ଜେକ୍ସନ ନ ଥିବାରୁ ଚିକିଟି ମେଡିକାଲ ସ୍ଥାନାନ୍ତର ବେଳେ ରାସ୍ତାରେ ମୃତ୍ୟୁ ଘଟିଥିଲା।

### ସତ୍ୟନାରାୟଣ ମନ୍ଦିରର ବାର୍ଷିକ ଉତ୍ସବ

ଆସିକା,୧୬।୫ (ଡି.ଏନ୍.ଏ.)- ଆସିକା ବିନାୟକ ବଜାର ସ୍ଥିତ ସତ୍ୟନାରାୟଣ ଦେବଙ୍କ ମନ୍ଦିରର ୨୪ତମ ବାର୍ଷିକ ଉତ୍ସବ ଗୁରୁବାର ମନ୍ଦିର ପରିସରରେ ପାଳିତ ହୋଇଥିଲା। ଏତଦ୍ ଅବସରରେ ପୂଜା, ହୋମ, ଆରତୀ ଓ ପୁଷ୍ପାଞ୍ଜଳୀ ପରେ ସାମୁହିକ ପ୍ରସାଦସେବନର ବ୍ୟବସ୍ଥା ହୋଇଥିଲା। ସନ୍ଧ୍ୟାରେ ଠାକୁରାଣି ବିଜେ ପ୍ରତିମାକୁ ବାଦ୍ୟ ବାଜଣା ପଟୁଆର ସହ ନଗର ପରିକ୍ରମା କରାଯାଇଥିଲା। ସନ୍ତୋଷ କୁମାର ସେନାପତି ଓ ଦୀପକ କୁମାର ସେନାପତିଙ୍କ ପ୍ରତ୍ୟକ୍ଷ ତ୍ତ୍ୱାବଧାନରେ ଏହି ଉତ୍ସବ ପାଳିତ ହୋଇଥିଲା।

### ବାଇକ ଦୁର୍ଘଟଣା, ୨ ଗୁରୁତର

ଦିଗପହଣ୍ଡି,୧୬।୫(ଡି.ଏନ.ଏ.)-ଦିଗପହଣ୍ଡି-ଚିକିଟି ମୁଖ୍ୟରାସ୍ତାର ପଦ୍ମନାଭପୁର ଶନି ମନ୍ଦିର ନିକଟରେ ଗୁରୁବାର ମଧାହ୍ନରେ ବାଇକ ଦୁର୍ଘଟଣାରେ ୨ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ନରେନ୍ଦ୍ରପୁର ଗ୍ରାମର ଏମ. ସନ୍ତୋଷ ରେଡ୍ଡୀ ଏବଂ ଝରିପଦର ଗ୍ରାମର ଚିନ୍ନାରି ଅନରାଜୁ ରେଡ୍ଡୀ। ଉଭୟେ ଭୋଜି ପାଇଁ ସଉଦା କିଣି ଫେରୁଥିବା ବେଳେ ବାଇକଟି ଭାରସାମ୍ୟ ହରାଇ ରାସ୍ତାକଡ଼ ଏକ ଗଛରେ ପିଟି ହୋଇଥିଲା। ଆହତଦ୍ୱୟଙ୍କୁ ପ୍ରଥମେ ଦିଗପହଣ୍ଡି ପରେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

# ଜିଲାକୁ ଡେଙ୍ଗୁମୁକ୍ତ କରିବାକୁ ଆହ୍ୱାନ

ଛତ୍ରପୁର,୧୬।୫(ଡି.ଏନ.ଏ)




ବୈଠକରେ ଉପସ୍ଥିତ ଜିଲାପାଳ ଏବଂ ଅନ୍ୟମାନେ।

ଜାତୀୟ ଡେଙ୍ଗୁ ଦିବସ ଅବସରରେ ଛତ୍ରପୁରସ୍ଥିତ ଗଞ୍ଜାମ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଉକ୍ତ ବୈଠକରେ ଡେଙ୍ଗୁ ରୋଗର ପ୍ରତିରୋଧ ଓ ନିୟନ୍ତ୍ରଣ ନେଇ ଆଲୋଚନା ହୋଇଥିଲା। ଜିଲାକୁ ଡେଙ୍ଗୁମୁକ୍ତ କରିବା ପାଇଁ ଜିଲାପାଳ ଆହ୍ୱାନ ଦେଇଥିଲେ। ଡେଙ୍ଗୁ ସାଧାରଣତଃ ବର୍ଷା ଋତୁ ଆରମ୍ଭ ଅର୍ଥାତ ଜୁନ ମାସରୁ ନଭେମ୍ବର ପର୍ଯ୍ୟନ୍ତ ଅଧିକ ଦେଖାଦେଇଥାଏ। ଜିଲାରେ ୫ ବର୍ଷ ମଧ୍ୟରେ ଡେଙ୍ଗୁ ରୋଗରେ କୌଣସି ଲୋକଙ୍କ ମୃତ୍ୟୁ ହୋଇ ନ ଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ୨୦୧୮ରେ ୨୦୮୪ ଜଣଙ୍କ ରକ୍ତ ପରୀକ୍ଷା କରାଯାଇଥିବା ବେଳେ ୧୫୫ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। କେବଳ ବ୍ରହ୍ମପୁର ମହାନଗର ନିଗମରେ ୪୦ ଜଣ ରହିଥିଲେ। ୨୦୧୭ ରେ ଏହି ରୋଗରେ ୧୪୬ ଜଣ ଆକ୍ରାନ୍ତ ହୋଇଥିବା ବେଳେ ୨୦୧୬ରେ ୩୨୯ ଜଣ ଆକ୍ରାନ୍ତ ହୋଇଥିଲେ। ପ୍ରତିବର୍ଷ ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ଏହି ରୋଗ ସର୍ବାଧିକ ଚିହ୍ନଟ ହୋଇଥିବା ବୈଠକରୁ ଜଣାପଡିଛି। ତେଣୁ ଏହାର ପ୍ରତିକାର କରିବା ପାଇଁ ସପ୍ତାହକୁ ଦୁଇ ଥର ଲୋକମାନଙ୍କୁ ସଚେତନ କରାଯିବ। ମନ୍ଦିର ପାର୍ଶ୍ୱରେ ପକାଯାଉଥିବା ପଇଡ, ନଡିଆ ସଢେଇ, ବଜାରରେ ଟାୟାର ଦୋକାନ ମାନଙ୍କରେ ବର୍ଷା ହେଲେ ପାଣି ସବୁ ଜମି ରହିଥାଏ। ଏହାକୁ ପ୍ରତି ସପ୍ତାହରେ ଥରେ ସଫା କରିବାକୁ କୁହାଯାଇଥିଲା। ଯେଉଁମାନେ ଡେଙ୍ଗୁମଶା ଅଣ୍ଡା ଦେବାପରି ପରିବେଶ ସୃଷ୍ଟି କରୁଥିବେ ସେମାନଙ୍କୁ ନୋଟିସ୍ ଜାରି କରାଯିବ ବୋଲି ଜିଲାପାଳ କହିଛନ୍ତି। ଡେଙ୍ଗୁ ପାଇଁ କୌଣସି ପ୍ରତିଷେଧକ ଟୀକା ନାହିଁ। ଲକ୍ଷଣକୁ ଦେଖି ରୋଗର ଚିକିତ୍ସା କରାଯାଏ। ଏଲିଶା ପଦ୍ଧତିରେ ରକ୍ତ ପରୀକ୍ଷା କରାଯାଇ ଡେଙ୍ଗୁ ରୋଗ ଚିହ୍ନଟ କରାଯାଏ ବୋଲି ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା.ବିଜୟ ପାଣିଗ୍ରାହୀ ବୈଠକରେ କହିଥିଲେ। ବ୍ରହ୍ମପୁର ଭେଷଜ ମହାବିଦ୍ୟାଳୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ଡେଙ୍ଗୁ ପ୍ରକୋଷ୍ଠ ସର୍ବଦା ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ଥିବା ଟାଟା , ଗୋପାଳପୁର ପୋର୍ଟ, ଗ୍ରାସିମ୍ ଓ ସରାଫ୍ ଟିଟାନିୟମ ଶିଳ୍ପୋଦ୍ୟୋଗୀମାନଙ୍କୁ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମରେ ସାମିଲ କରାଯିବ। ଖରା ଛୁଟି ପରେ ସ୍କୁଲ ଖୋଲିଲେ ପ୍ରାର୍ଥନା ସମୟରେ ଏହି ରୋଗର ସଚେତନତା କରିବା ସହ ସ୍କୁଲ ପରିସର ସଫା ରଖିବା ଉପରେ ଜିଲା ଶିକ୍ଷାଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନ ସରିବା ପରେ ପ୍ରତିଗାଁରେ ଏକ ପଲ୍ଲିସଭା କରାଯାଇ ସେଠାରେ ଏହି ରୋଗ ଉପରେ ସଚେତନତା କାର୍ଯ୍ୟକ୍ରମ ସହ ସ୍କୁଲ, ମେଡିକାଲ, ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଏହି ରୋଗର ପ୍ରତିକାର ଉପରେ ପ୍ରାଚିରପତ୍ର ଲଗାଇବାକୁ ସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡିଏମଓ ଡା.ପି କୁରମେୟା, ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଆର ଜଗଦିଶ ପଟ୍ଟନାୟକ, ଡ.ଅବନୀକାନ୍ତ ଦାଶ, ଡିପିଏମ ଶ୍ୟାମ ସୁନ୍ଦର ତ୍ରିପାଠୀ, ଡୁଡା ପିଡି ସବ୍ୟସାଚୀ ହୋତା, ଜିଲା ଶିକ୍ଷାଧିକାରୀ ଡ. ସନାତନ ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

■ଗୋଷ୍ଠୀ ସଂଘର୍ଷ ଘଟଣାରେ୨ ଅଟକ

# ଗ୍ରାମରେ ପୋଲିସ ମୁତୟନ, ଶାନ୍ତି ପାଇଁ ପୂଜାର୍ଚ୍ଚନା

ପାତ୍ରପୁର, ୧୬।୫ (ଡି.ଏନ୍.ଏ.):

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ତଣ୍ଡିପୁର ପଞ୍ଚାୟତ ଖଇର ଗ୍ରାମରେ ମଙ୍ଗଳବାର ରାତିରେ ଗୋଷ୍ଠୀ ସଂଘର୍ଷ ଘଟି ୮ବର୍ଷର ନାବାଳକ ପବିତ୍ର ପ୍ରଧାନଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ୮ଜଣ ଗୁରୁତର ଆହତ ହୋଇଥିଲେ। ଗୁରୁବାର ସମ୍ପୃକ୍ତ ଘଟଣାରେ ପୋଲିସ ୨ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅପରପକ୍ଷରେ ପ୍ରତିପକ୍ଷ ଗୋଷ୍ଠୀର ସୁଶାନ୍ତ ପ୍ରଧାନଙ୍କ ସ୍ତ୍ରୀ ଗୁରୁବାର ଜରଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଘଟଣା ପରେ ଗ୍ରାମରେ ହେବାକୁ ଥିବା ଠାକୁରାଣୀ ଯାତ୍ରାକୁ ବନ୍ଦ କରାଯାଇଥିବାବେଳେ ଗାଁରେ ଶାନ୍ତି ଫେରାଇ ଆଣିବାକୁ ଠାକୁରାଣୀଙ୍କୁ ପଣା, ଭୋଗ ଓ ପୂଜାର୍ଚ୍ଚନା କରାଯାଇଛି। ଗ୍ରାମରେ ଶୃଙ୍ଖଳା ରକ୍ଷା ପାଇଁ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି।

ପ୍ରକାଶ ଥାଉକି, ଗତ ମଙ୍ଗଳବାର ରାତିରେ ଠାକୁରାଣୀ ଯାତ୍ରା ପାଇଁ ରାଧାକୃଷ୍ଣ ମନ୍ଦିରରେ ବୈଠକ ଚାଲିଥିଲା। ଏହି ସମୟରେ ଗାଁ ଶେଷ ମୁଣ୍ଡରେ କୌଣସି କଥାକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଠେଙ୍ଗା ଖଣ୍ଡା ଧରି ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଷ୍ଠୀକୁ ଆକ୍ରମଣ କରିଥିଲେ। ଏଥିରେ ଜଣେ ନିରୀହ ନାବାଳକଙ୍କ ମୃତ୍ୟୁ ହୋଇଥିଲା। ଘଟଣାରେ ଅନ୍ୟ ୮ଜଣ ମଧ ଗୁରୁତର ଆହତ ହୋଇ ଚିକିତ୍ସା ହେଉଛନ୍ତି। ଜରଡ଼ା ପୋଲିସ ଘଟଣାର ତଦନ୍ତ ଚଳାଇଥିବାବେଳେ ୨ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଥିବା ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ ସୂଚନା ଦେଇଛନ୍ତି।

# ବଜ୍ରପାତରେ ୮ ଆହତ



ସ୍ୱାସ୍ଥ୍ୟକେନ୍ଦ୍ରରେ ଆହତମାନେ।

ଆର.ଉଦୟଗିରି,୧୬।୫(ଡି.ଏନ.ଏ.)

ଆର.ଉଦୟଗିରି ବ୍ଲକର ବସ୍ତିଗୁଡ଼ା ଅଞ୍ଚଳରେ ବୁଧବାର ସନ୍ଧ୍ୟା ସାଢ଼େ ୭ଟାରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ୮ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଅଞ୍ଜୋଇକୋଣ ଗ୍ରାମର ସେବତୀ ମଣ୍ଡଳ, ବଡ଼ସୋଲା ମଣ୍ଡଳ, ମାତନି ମଣ୍ଡଳ, ଈଶ୍ୱର ମଣ୍ଡଳ, ସୀତା ମଣ୍ଡଳ, ଦ୍ରୌପଦୀ ମଣ୍ଡଳ, ସୁମନ୍ତି ମଣ୍ଡଳ ଏବଂ ଜଗନ୍ନାଥ ମଣ୍ଡଳ। ନିକଟସ୍ଥ ଏକ ଆମ୍ବ ଗଛରେ ବଜ୍ରପାତ ହେବାରୁ ଏମାନେ କିଛି ସମୟ ପାଇଁ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ଗୁରୁବାର ସକାଳେ ଆହତମାନଙ୍କୁ ଆର.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସମସ୍ତେ ସୁସ୍ଥ ଥିବା ବସ୍ତିଗୁଡ଼ା ସରପଞ୍ଚ ଚୈତନ୍ୟ ମଣ୍ଡଳ କହିଛନ୍ତି।

■ଆଜିଠୁ ଲକ୍ଷ୍ମୀ ନୃସିଂହ ଯାତ୍ରା

# ଶୃଙ୍ଖଳିତ ଆୟୋଜନକୁ ଗୁରୁତ୍ୱ

ହିଞ୍ଜିଳିକାଟୁ,୧୬।୫(ଡି.ଏନ୍.ଏ):

ହିଞ୍ଜିଳିକାଟୁର ଶ୍ରୀଲକ୍ଷ୍ମୀ ନୃସିଂହ ଯାତ୍ରା ଶୁକ୍ରବାର ବୈଶାଖ ଚତୁର୍ଦ୍ଦଶୀଠାରୁ ଆରମ୍ଭ ହେବ। କାଟୁ ରାଜବାଟିରେ ଦଧିବାମନ ମୂର୍ତ୍ତି ସହ ଲକ୍ଷ୍ମୀ ନୃସିଂହ ବିଗ୍ରହ ପୂଜା ପାଇ ଆସୁଛନ୍ତି। ପ୍ରାୟ ୭୫ ବର୍ଷ ହେଲା ଏଠାରେ ଯାତ୍ରା ଆୟୋଜନ ହେଉଛି। ୩ ଦିନିଆ ଏହି ଯାତ୍ରାକୁ ଏଠାକାର ରଙ୍ଗଣୀ ଓ କେଉଟ ସଂପ୍ରଦାୟର ଲୋକେ ଶୃଙ୍ଖଳିତ ଭାବେ ପରିଚାଳନା କରନ୍ତି। ଅନ୍ୟ ସଂପ୍ରଦାୟର ଲୋକେ ସହଯୋଗ କରିଥାନ୍ତି। ଚଳିତ ଥର ଶୁକ୍ରବାର ଓ ରବିବାର କେଉଟ ବାଡ଼ ଏବଂ ଶନିବାର ରଙ୍ଗଣୀ ବାଡ଼ ପକ୍ଷରୁ ଯାତ୍ରା ପରିଚାଳନା କରାଯିବ। ଅନ୍ୟପକ୍ଷରେ ଜଗବନ୍ଧୁ ପାଟଣା ସାହିସ୍ଥିତ ନୃସିଂହ ମନ୍ଦିରରେ ମଧ ଶୁକ୍ରବାର ଯାତ୍ରା ହେବ। ଯାତ୍ରା ଲାଗି ମେଢ଼ ଓ ନୂତନ କଳାକୁଞ୍ଜ ନିର୍ମାଣ କରିବା ପାଇଁ ବିଭିନ୍ନ ସାହିର ଯୁବ ଗୋଷ୍ଠୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଏଥିସହ ପ୍ରବଚନ, ସାଂସ୍କୃତିକ କାର୍ଯ୍ୟକ୍ରମ, ଗଣବେଶ ପାଇଁ ପ୍ରସ୍ତୁତି ଚାଲିଛି। ପ୍ରତ୍ୟହ ରାତିରେ ବିଗ୍ରହଙ୍କୁ ସହର ପରିକ୍ରମା, ରାଜବାଟି ସମ୍ମୁଖ ପଡ଼ିଆରେ ବାଣଯାତ୍ରାକୁ ଶୃଙ୍ଖଳିତ ଭାବେ ଆୟୋଜନ ପାଇଁ ପ୍ରଶାସନ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି।

## ଜାତୀୟ ଡେଙ୍ଗୁ ଦିବସ ପାଳିତ

ପାରଳାଖେମୁଣ୍ଡି, ୧୬।୫ (ସ୍ୱ.ପ୍ର.)

ପାରଳାଖେମୁଣ୍ଡି ସହରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ଜାତୀୟ ଡେଙ୍ଗୁ ଦିବସ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଛି। ସିଡିଏମ୍ଓ ଡାକ୍ତର ଗୁନ୍ନରାଣୀ ପଟ୍ଟନାୟକ ଉପସ୍ଥିତ ରହି ଡେଙ୍ଗୁର ନିରାକରଣ ପାଇଁ ରହିଥିବା ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହାଛଡ଼ା ପ୍ରାକୃତିକ ପ୍ରଣାଳୀରେ କିପରି ଡେଙ୍ଗୁର ଉପଚାର କରାଯାଇପାରିବ, ସେ ବିଷୟରେ ମଧ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ରମେଶ ଚନ୍ଦ୍ର ମିଶ୍ର, ଡାକ୍ତର ଏମ୍. ଏଲ୍ଲୀ, ଡାକ୍ତର ପ୍ରଦୀପ କୁମାର ପାତ୍ର, ଜିଲା ଏନ୍ଆର୍ଏଚ୍ଏମ୍ର ପ୍ରକଳ୍ପ ପରିଚାଳିକା ସୌମ୍ୟାରାଣୀ ଗୌଡ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ଅପରିଷ୍କାର ପାତ୍ର ବା ପାଣିଟାଙ୍କି, ନାଳନର୍ଦ୍ଦମା, ଟାୟାରରେ ଗଚ୍ଛିତ ପାଣିଗୁଡ଼ିକୁ ଫିଙ୍ଗିବା ସହ ଘରର ବିଭିନ୍ନ ସ୍ଥାନରେ ଜମି ରହୁଥିବା ପାଣିକୁ ସଫା କରିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏତଦ୍ ବ୍ୟତୀତ ଜ୍ୱର ହେବାମାତ୍ରେ ତୁରନ୍ତ ଡାକ୍ତରଙ୍କ ସହ ଯୋଗାଯୋଗ କରି ଔଷଧ ଖାଇବାକୁ ସେମାନେ ପରାମର୍ଶ ଦେଇଥିଲେ।

■ଫନୀ ପ୍ରଭାବିତଙ୍କୁ ସହାୟତା

# ଜିଲାପାଳଙ୍କୁ ୬ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ

ଛତ୍ରପୁର,୧୬।୫(ଡି.ଏନ.ଏ.)



ଚେକ୍ ପ୍ରଦାନ କରାଯାଉଛି।

ଫନୀ ବାତ୍ୟାରେ ପ୍ରଭାବିତ ଲୋକଙ୍କ ପାଇଁ ହାଇଦ୍ରାବାଦ ସିସଟ୍ ସଲ୍ୟୁସନ ପ୍ରାଇଭେଟ୍ କମ୍ପାନୀ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। କମ୍ପାନୀର ମାଲିକ ଚିନ୍ମୟାନନ୍ଦ ଶ୍ରୀରୂପଦେବ ଗୁରୁବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ୬ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି। ଜିଲାପାଳ କୁଲାଙ୍ଗେ ଫନୀ ବାତ୍ୟାରେ ପ୍ରଭାବିତ ଲୋକଙ୍କ ପାଇଁ ସହାୟତାର ହାତ ବଢାଇବାକୁ ନିବେଦନ କରିଆସୁଛନ୍ତି। ବିଭିନ୍ନ ସଙ୍ଗଠନ, ସ୍ୱେଚ୍ଛାସେବୀ, ବିଭିନ୍ନ ଅନୁଷ୍ଠାନ, ସରକାରୀ ଓ ବେସରକାରୀ କର୍ମଚାରୀଙ୍କ ପକ୍ଷରୁ ସହାୟତା ମିଳୁଥିବାରୁ ଗଞ୍ଜାମ ଜିଲାର ଜନସାଧାରଣ ଓ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଚେକ୍ ପ୍ରଦାନବେଳେ ମନ୍ତ୍ରୀ ଉଷାଦେବୀଙ୍କ ପ୍ରତିନିଧି ବି. କ୍ରିଷ୍ଣା ମୂର୍ତ୍ତି, ପ୍ରଶାନ୍ତ ପଣ୍ଡା, ପ୍ରଦୀପ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ତ୍ରୀଙ୍କୁ ନିର୍ଯାତନା, ଜେଲ ଗଲେ ଗୃହରକ୍ଷୀ

ଆର.ଉଦୟଗିରି, ୧୬।୫ (ଡି.ଏନ.ଏ.)

ବିବାହର ୮ବର୍ଷ ପରେ ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଆର.ଉଦୟଗିରି ଥାନାର ଜଣେ ଗୃହରକ୍ଷୀ ବୁଧବାର ଗିରଫ ହୋଇଛନ୍ତି। ସେ ହେଲେ ବିଜୟ କୁମାର ଶତ୍ରୁଶଲ୍ୟ। ତାଙ୍କୁ କୋର୍ଟଚାଲାଣ କରାଯାଇଛି। ପ୍ରକାଶ ଯେ, ୨୦୧୧ରେ ବିଜୟ ବିରିକୁଟ ଗ୍ରାମରେ ଅଙ୍ଗନୱାଡି କର୍ମୀ ଥିବା ସେବତୀଙ୍କୁ ବିବାହ କରିଥିଲେ। ସେମାନଙ୍କର ୨ ପୁଅ ଓ ୨ ଝିଅ ଅଛନ୍ତି। ବିବାହର ୮ ବର୍ଷ ପରେ ବି ବାପଘରୁ ଟଙ୍କା, ସୁନା ଆଣିବାକୁ ସେବତୀଙ୍କ ଉପରେ ବିଜୟ ବାରମ୍ବାର ଚାପ ପକାଉଥିଲେ। ନିର୍ଯାତନା ଅସହ୍ୟ ହେବାରୁ ସେବତୀ ଏ ନେଇ ମଙ୍ଗଳବାର ଆର.ଉଦୟଗିରି ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ଗୃହରକ୍ଷୀ ବିଜୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ଅପରିଷ୍କାର ଜାଗାରେ ଜଳଛତ୍ର



ଜଳଛତ୍ର ନିକଟରେ ଏକ କୁକୁର ଶୋଇଛି।

କନିଷି,୧୬।୫(ଡି.ଏନ.ଏ.)

ପ୍ରଚଣ୍ଡ ଖରାରେ ଲୋକଙ୍କୁ ପାନୀୟଜଳ ଯୋଗାଇ ଦେବାକୁ ସରକାର ପ୍ରତି ପଞ୍ଚାୟତରେ ଜଳଛତ୍ର ଖୋଲିବା ବ୍ୟବସ୍ଥା କରିଛନ୍ତି। ମାତ୍ର ଧର୍ମକୁ ଆଖିଠାର ଭଳି ବିଭିନ୍ନ ସ୍ଥାନରେ ପୋଷ୍ଟର ଓ ମାଠିଆ ରଖି କାମ ସାରି ଦେଉଥିବାବେଳେ ଅନେକ ସ୍ଥାନରେ ଅପରିଷ୍କାର ଜାଗାରେ ମାଠିଆ ରଖାଯାଇଥିବା ଦେଖିବାକୁ ମିଳୁଛି। ଫଳରେ ରାସ୍ତାରେ ଯାଉଥିବା ଲୋକେ ଏଠାରୁ ପାଣି ପିଉନଥିବା ଦେଖିବାକୁ ମିଳୁଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ରଙ୍ଗେଇଲୁଣ୍ଡା ବ୍ଲକ ହଳଦିଆପଦର ପଞ୍ଚାୟତ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଜଳଛତ୍ରରେ। ଏଠାରେ ପଞ୍ଚାୟତ ପକ୍ଷରୁ ଖୋଲା ଯାଇଥିବା ଜଳଛତ୍ରରେ ମାଠିଆଟି ତଳେ ରଖାଯାଇଛି। ଫଳରେ ଗାଡିମୋଟର ଗଲେ ଧୂଳି ଉଡି ପଡିବା ସହ ଅନେକ ସମୟରେ ଏଠାରେ କୁକୁର ମାନେ ଶୋଇ ରହୁଛନ୍ତି। ଫଳରେ କେହି ଏଠାରୁ ପାଣି ପିଉନାହାନ୍ତି। ଏଥିପ୍ରତି ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଦୁର୍ଘଟଣାରେ ଜଣେ ମୃତ

ଗୋପାଳପୁର,୧୬।୫

୧୬ନଂ ଜାତୀୟ ରାଜପଥ ଅତିକ୍ରମ କରୁଥିବାବେଳେ ଗୁରୁବାର ବାଇକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡବଜାର ଅଞ୍ଚଳ କୈଳାଶ ନଗରର ବାବୁ ମହାରଣା। ଗୁରୁବାର ସନ୍ଧ୍ୟା ପ୍ରାୟ ୬ଟାରେ ବାବୁ ଜାତୀୟ ରାଜପଥ ପାର ହେଉଥିବାବେଳେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। କନିଷି ଦମକଳ ବାହିନୀ ଓ ଗୋଳନ୍ଥରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ଚାଲିଥିବାବେଳେ ତାଙ୍କର ମୃତ୍ୟୁ ଘଟିଛି। ଖବର ଲେଖାହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇନଥିବା ଜଣାପଡିଛି। ଆସନ୍ତାକାଲି ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ଅଧିକାରୀ ବାବୁଲି ନାୟକ ସୂଚନା ଦେଇଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଦ୍ୱିତୀକୃଷ୍ଣଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି



ସ୍ମରଣିକା ଉନ୍ମୋଚନ କରାଯାଉଛି।

ଆସିକା,୧୬।୫ (ଡି.ଏନ୍.ଏ.)

ଆସିକାର ବରିଷ୍ଠ କମ୍ୟୁନିଷ୍ଟ ନେତା, ପୂର୍ବତନ ଏମ୍ପି, ବିଧାୟକ, ଶ୍ରମିକ ନେତା ତଥା ଆଇନଜୀବୀ ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ଦ୍ୱାଦଶାହରେ ଗୁରୁବାର ସ୍ଥାନୀୟ ଖମ୍ବେଶ୍ୱରୀ ମନ୍ଦିର ଠାରେ ଏକ ଶ୍ରଦ୍ଧାଞ୍ଜଳୀ ସଭାର ଆୟୋଜନ କରାଯାଇଥିଲା। ଦ୍ୱିତୀବାବୁଙ୍କୁ ଶୋଷଣ କଷଣ ବିରୋଧି ଚିନ୍ତାଧାରାର ଜଣେ ମହାନ୍ ନେତା ଭାବେ ବକ୍ତାମାନେ ଚିତ୍ରଣ କରିଥିଲେ। ସ୍ୱାଧୀନତା ପୂର୍ବରୁ ଛାତ୍ରାବସ୍ଥାରୁ ହିଁ ସମାଜର ଆର୍ଥିକ ଅନଟନ ଗ୍ରସ୍ତ କୃଷକ, ଶ୍ରମିକ ଓ ସାଧାରଣ ଜନତାଙ୍କ ଦୁଃଖକୁ ଦୂର କରିବା ଚିନ୍ତାରେ ସେ ନିଜକୁ ସମର୍ପିତ କରିଥିଲେ। ଏପରିକି ଟାକରଡା ରୟତ ଆନ୍ଦୋଳନରେ ମଧ ସେ ନିଜକୁ ସାମିଲ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ରାଜନୈତିକ ଜୀବନ କାଳରେ ସେ ଏମ୍ପି, ବିଧାୟକ ହୋଇ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଆନ୍ତର୍ଜାତିକ ସମ୍ମିଳନୀରେ ପ୍ରତିନିଧିତ୍ୱ କରି ଆସିକା ତଥା ଗଞ୍ଜାମ ଜିଲାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଲାଗି ଏକ ଅଗ୍ରଣୀ ଭୂମିକା ନେଇଥିଲେ। ସେହି ମହାନ୍ ବ୍ୟକ୍ତି ଆଜି ଆମ ଗହଣରେ ନଥିଲେ ମଧ ତାଙ୍କ କାଳଜୟୀ ଆଦର୍ଶ ବଞ୍ଚି ରହିବ ବୋଲି ମତପ୍ରକାଶ ପାଇଥିଲା। ସିପିଆଇ ଜିଲା ସମ୍ପାଦକ ପ୍ରକାଶ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ରାଜ୍ୟର ବରିଷ୍ଠ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ପୂର୍ବତନ ଏମପି ନିତ୍ୟାନନ୍ଦ ପ୍ରଧାନ, ରେଣୁବାଳା ପ୍ରଧାନ, ପୂର୍ବତନ ମନ୍ତ୍ରୀ ରାଘବ ପରିଡା, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ ଦାସ, ଏସ୍ୟୁସିଆଇ ନେତା ବିଷ୍ଣୁ ଦାସ, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଏଆଇଟିୟୁସି ରାଜ୍ୟ ସମ୍ପାଦକ ସୌରୀବନ୍ଧୁ କର, ସିପିଆଇ ରାଜ୍ୟ ସମ୍ପାଦକ, ଆଶିସ୍ କାନୁନଗୋ, କୃଷକ ସଭା ରାଜ୍ୟ ସଭାପତି କ୍ଷୀରୋଦ ସିଂ ଦେଓ, ସିପିଏମ୍ ରାଜ୍ୟ ସମ୍ପାଦକ ଅଲି ପଟ୍ଟନାୟକ, ସିପିଏମ୍ ଜିଲା ସମ୍ପାଦକ କୈଳାସ ଷଡଙ୍ଗି, ସିପିଆଇଏମଏଲ ରେଡ୍ଷ୍ଟାର ଜିଲା ସମ୍ପାଦକ ଶଙ୍କର ସାହୁ, ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି ବିରେନ୍ଦ୍ର କେଶରୀ ଆରୁଖ, ଶିକ୍ଷକ ଗଣେଶ ରଥ, ନୂଆଦୁନିଆଁ ସମ୍ପାଦକ ରମେଶ ପାଢୀ ପ୍ରମୁଖ ଯୋଗଦେଇ ଏହି ଦିବଂଗତ ଆତ୍ମାଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଏହି ମହାନ୍ ନେତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ହିଁ ତାଙ୍କ ପ୍ରତି ଶେଷ ଶ୍ରଦ୍ଧାଞ୍ଜଳୀ ହେବ ବୋଲି ମତପ୍ରକାଶ ପାଇଥିଲା। ଏତଦ୍ ଅବସରରେ ଦ୍ୱିତୀବାବୁଙ୍କ କର୍ମମୟ ଜୀବନ ସମ୍ପର୍କରେ ପ୍ରକାଶିତ ଏକ ସ୍ମରଣିକା ମଧ ଉନ୍ମୋଚିତ ହୋଇଥିଲା।

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ, ୮ ଗିରଫ

**ଭଞ୍ଜନଗର,୧୬।୫(ଡି.ଏନ.ଏ.):** ଭଞ୍ଜନଗର ପୋଲିସ ପକ୍ଷରୁ ବୁଧବାର ରାତିରେ ଗୋଲାପଡ଼ା ଓ ମନଇଚ୍ଛା ସାହିରେ ଚାଲିଥିବା ଦୁଇଟି ଜୁଆ ଆଡ୍ଡାରେ ଚଢ଼ାଉ କରାଯାଇ ୮ ଜଣଙ୍କୁ ଗିରଫ କରାଯାଇଛି। ଗୋଲାପଡ଼ା ଜୁଆ ଆଡ୍ଡାରୁ ୧୧,୨୦୦ ଟଙ୍କା ଓ ମନଇଚ୍ଛାସାହି ଆଡ୍ଡାରୁ ୨୫,୪୭୦ ଟଙ୍କା ଜବତ କରାଯାଇଛି । ଏଥିସହ ଗୋଟିଏ ଲୁନା ଓ ଗୋଟିଏ ସାଇକେଲ ମଧ ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି ।

### ବାଲିଗୁଡ଼ା ବନଖଣ୍ଡ ପକ୍ଷରୁ ଫନୀ ବିପନ୍ନଙ୍କୁ ସହାୟତା

**ବାଲିଗୁଡ଼ା,୧୬।୫(ଡି.ଏନ.ଏ.):** ଫନୀ ବିପନ୍ନଙ୍କ ସହାୟତା ନିମନ୍ତେ ବାଲିଗୁଡ଼ା ବନଖଣ୍ଡ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ଲକ୍ଷ ୧୦ହଜାର ଟଙ୍କା ପ୍ରଦାନ କରାଯାଇଛି। ବାଲିଗୁଡ଼ା ବନଖଣ୍ଡ ଅନ୍ତର୍ଗତ କୋଟଗଡ, ତୁମୁଡିବନ୍ଧ, ବାଲିଗୁଡ଼ା, କ.ନୂଆଗାଁ, ସିମନବାଡି, ବ୍ରାହ୍ମଣୀଗାଁ, ବେଲଘର ରେଞ୍ଜର ସମସ୍ତ ବନ କର୍ମଚାରୀ ଏହି ସହାୟତା ଦେଇଛନ୍ତି। ବନଖଣ୍ଡ ତରଫରୁ ଡିଏଫଓ ବିଶ୍ୱନାଥ ନୀଳାମ୍ବରଙ୍କ ନେତୃତ୍ୱରେ ବନ କର୍ମଚାରୀଙ୍କଠାରୁ ଆଦାୟ ହୋଇଥିବା ଉପରୋକ୍ତ ଅର୍ଥ ରାଶି ବାଲିଗୁଡ଼ା ଷ୍ଟେଟ ବ୍ୟାଙ୍କ ଆକାଉଣ୍ଟ ମାଧମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରେ ଜମା କରାଯାଇଛି।

### ଲଣ୍ଡାଗାଁ ଚନ୍ଦନଯାତ୍ରା ଉଦ୍‌ଯାପିତ



**ବାଲିଗୁଡ଼ା,୧୬।୫(ଡି.ଏନ.ଏ.):** ବାଲିଗୁଡ଼ା ବ୍ଲକ ଅନ୍ତର୍ଗତ ଲଣ୍ଡାଗାଁରେ ୯ଦିନ ଧରି ଚାଲିଥିବା ଚନ୍ଦନଯାତ୍ରା ଉଦ୍‌ଯାପିତ ହୋଇଛି । ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଜାକଜମକରେ ଖଡଗ ନଦୀରେ ଠାକୁରଙ୍କ ନୌବିହାର ସମ୍ପନ୍ନ ହୋଇଛି। ପ୍ରତ୍ୟେକ ଦିନ ନାଚ ଗୀତ ସହିତ ମହାଭାରତ ନାଟକର ବିଭିନ୍ନ ଅଧ୍ୟାୟ ସ୍ଥାନୀୟ କଳାକାରଙ୍କ ଦ୍ୱାରା ବିରାଟ ସ୍ୱର ମନ୍ଦିରରେ ପରିବେଷଣ ହୋଇଥିଲା। ଏଥିରେ ଅନୁଷ୍ଠାନର ସଭାପତି ଦେବେନ୍ଦ୍ର କୁଦେଇ, ଅଭିରାମ ରଣା, କବିରାଜ ରଣା, ମୋତିଲାଲ ରଣା, ବିପିନ ରଣା, ପ୍ରଦୀପ ରଣା, ବଳରାମ ବାଘ ଓ ସୁଶାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଚନ୍ଦନ ଯାତ୍ରା ଦେଖିବା ପାଇଁ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା।

### କାର୍ଯ୍ୟକ୍ଷମ ହେଲା କଲ୍ୟାଣ ମଣ୍ଡପ

**ଜି.ଉଦୟଗିରି,୧୬।୫(ଡି.ଏନ.ଏ.):** ଜି.ଉଦୟଗିରି ସହରରେ ୬ମାସ ହେଲା ଉଦଘାଟିତ ହୋଇଥିବା ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ କାର୍ଯ୍ୟକ୍ଷମ ହୋଇଛି। ଗତ ୮ ତାରିଖରୁ ଲୋକେ ବିଭିନ୍ନ କାର୍ଯ୍ୟ ପାଇଁ ମଣ୍ଡପକୁ ବୁକିଂ କରିଛନ୍ତି । ଦିନକୁ ୭ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। କଲ୍ୟାଣ ମଣ୍ଡପ ନିର୍ମାଣ କାମ ୧୦ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା। ଲୋକଙ୍କ ବହୁ ଦାବି ପରେ ଗତ ଡିସେମ୍ବରରେ ଏହା ଉଦଘାଟନ ହୋଇଥିଲେ ମଧ ୬ ମାସ ହେଲା ଲୋକଙ୍କ କାର୍ଯ୍ୟରେ ଆସୁ ନ ଥିଲା। କଲ୍ୟାଣ ମଣ୍ଡପରେ ବିବାହ ବେଦି, ଦୁଇଟି ପ୍ରକୋଷ୍ଠ ସହ ଅନ୍ୟାନ୍ୟ ସୁବିଧା ଅଛି ବୋଲି ଏନଏସିର ବରିଷ୍ଠ ସହାୟକ ସତ୍ୟପ୍ରକାଶ ମହାପାତ୍ର କହିଛନ୍ତି ।

# ଡେଙ୍ଗୁ ହେଲେ ଆତଙ୍କିତ ପରିବର୍ତ୍ତେ ସଚେତନ ହେବା ଦରକାର

**ଫୁଲବାଣୀ ଅଫିସ, ୧୬।୫**



ଜାତୀୟ ଡେଙ୍ଗୁ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଡାକ୍ତର।

କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜାତୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସମୀର କୁମାର ଦାସ ଅଧ୍ୟକ୍ଷତା କରି ଡେଙ୍ଗୁ ଜ୍ୱର ପ୍ରତି ଆତଙ୍କିତ ହେବା ପରିବର୍ତ୍ତେ ସତର୍କ ଏବଂ ସଚେତନ ରହିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହା ଏକ ଭୂତାଣୁ ବାହିତ ରୋଗ ହୋଇଥିବାରୁ ଏହାଠାରୁ ଦୂରେଇ ରହିବାକୁ ହେଲେ ସ୍ୱାସ୍ଥ୍ୟ ବିଭାଗ ସହିତ ବିଭିନ୍ନ ବିଭାଗର ସମନ୍ୱୟ ରହିବା ଆବଶ୍ୟକ। ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଏହି ଜ୍ୱର ପରୀକ୍ଷା ପାଇଁ ବ୍ୟବସ୍ଥା ରହିଛି। ଡେଙ୍ଗୁ ପାଇଁ ଔଷଧ ନାହିଁ। ରୋଗୀଙ୍କୁ ଯତ୍ନର ସହ ଚିକିତ୍ସା କରିବାକୁ ପଡ଼ିଥାଏ ବୋଲି ସେ କହିଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡା. ପ୍ରଶାନ୍ତ କୁମାର ତ୍ରିପାଠୀ ଏହି ଦିବସ ପାଳନର ଲକ୍ଷ୍ୟ, ରୋଗର ଲକ୍ଷଣ ଓ ପ୍ରତିକାର ଆଦି ବିଷୟ ଉପରେ ଆଲୋଚନା କରିଥିଲେ। ମାଇ ଏଡିସ୍ ମଶା ବା ବାଘୁଆ ମଶା ତା' ଠାରୁ ୪୦୦ ମିଟର ଭିତରେ ଥିବା ଲୋକମାନଙ୍କୁ କାମୁଡ଼ିଥାଏ। ଏପରିକି ତା' ପେଟ ପୂରିବା ପର୍ଯ୍ୟନ୍ତ ସେ ରକ୍ତ ଶୋଷିଥାଏ। ତେଣୁ ଯେ କୌଣସି ଜ୍ୱରର ଲକ୍ଷଣ ଦେଖିବା ମାତ୍ରେ ଏଥିପ୍ରତି ଅବହେଳା ନ କରି ନିକଟସ୍ଥ ଡାକ୍ତରଖାନାରେ ପରାମର୍ଶ କରି ରୋଗ ଚିହ୍ନଟ ଓ ପ୍ରତିକାର ବ୍ୟବସ୍ଥା କରିବା ଆବଶ୍ୟକ ବୋଲି ସେ କହିଥିଲେ। ସେହିପରି ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ବସନ୍ତ କୁମାର ପାତ୍ର ଏହି ରୋଗ ପାଇଁ ଲୋକସଂଖ୍ୟାରେ ବୃଦ୍ଧି, ସହରୀକରଣ, ଘରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କୃତ୍ରିମ ଜଳ ପାତ୍ର ରଖିବା ମଧ କେତେକାଂଶରେ ଦାୟୀ ବୋଲି କହିଥିଲେ। ନିଜେ ସଚେତନ ହେବା ସହିତ ଅନ୍ୟମାନଙ୍କୁ ସଚେତନ କରାଇବାକୁ ଜିଲା କାର୍ଯ୍ୟକ୍ରମ ପରିଚାଳକ ବୁଲୁନାଥ ସାହୁ ଗୁରୁତ୍ୱାରୋପ କରିଥିଲେ। ଜିଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା କୁମୁଦ ଚନ୍ଦ୍ର ସାହୁ ପାୱାର ପଏଣ୍ଟ ମାଧ୍ୟମରେ ଏଡିସ୍ ମଶା ବଢ଼ିବା ସ୍ଥାନ, ଏହି ରୋଗଠାରୁ ଦୂରେଇ ରହିବା ପାଇଁ କ'ଣ କରିବେ, ରୋଗର ଲକ୍ଷଣ ଓ ପ୍ରତିକାର ଇତ୍ୟାଦି ବିଷୟରେ ବୁଝାଇଥିଲେ। ଜ୍ୱର ସହ ଭୀଷଣ ହାଡ଼ ଓ ଗଣ୍ଠି ବିନ୍ଧା, ଦେହରେ ଲାଲ୍ ଦାଗ ଦେଖାଦେବା, ଅନେକ କ୍ଷେତ୍ରରେ ବାନ୍ତି ଓ ମୁଣ୍ଡ ବିନ୍ଧା ହେବା ଭଳି ରୋଗର ଲକ୍ଷଣ ଦେଖାଦେଲେ ରୋଗ ଚିହ୍ନଟ ଓ ପ୍ରତିକାର ବ୍ୟବସ୍ଥା ତୁରନ୍ତ କରିବା ଆବଶ୍ୟକ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଜ୍ୟୋତ୍ସ୍ନା ମହାନ୍ତି ସଭା ପରିଚାଳନା ସହ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଏଏନ୍‌ଏମ୍ ପ୍ରଶିକ୍ଷଣ କେନ୍ଦ୍ର ଓ ଜିଏନ୍‌ଏମ ପ୍ରଶିକ୍ଷଣ ମହାବିଦ୍ୟାଳୟ ଅଧ୍ୟକ୍ଷା, ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ବିଭାଗ ସରକାରୀ ପଦାଧିକାରୀ ଆଶା ଓ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ୩ ଲକ୍ଷ ଟଙ୍କା ଦେଲେ ମନ୍ତ୍ରୀ ଆରୁଖ

# ପୁନରୁଦ୍ଧାର କାର୍ଯ୍ୟରେ ସାଉଥ୍‌କୋ, ଅନ୍ୟ ସଙ୍ଗଠନ ସାମିଲ

**ଭଞ୍ଜନଗର,୧୬।୫(ଡି.ଏନ.ଏ)**


ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟମନ୍ତ୍ରୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି ।

ବାତ୍ୟା ଫନୀ ପ୍ରଭାବରେ କ୍ଷୟକ୍ଷତି ଘଟିଥିବା ପୁରୀ, ଖୋର୍ଦ୍ଧା, କଟକ ଜିଲା ଅଞ୍ଚଳରେ ବର୍ତ୍ତମାନ ଦ୍ରୁତ ଗତିରେ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନ ସହାୟତାର ହାତ ବଢ଼ାଉଛନ୍ତି। ଏହି କ୍ରମରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ୩ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ସେ ଉକ୍ତ ଚେକ୍ ପ୍ରଦାନ କରିଛନ୍ତି। ଏଥିସହ ବାତ୍ୟା ପ୍ରଭାବିତ ପାଇକମାଳ, ସାହସପୁର, କଉଡ଼ିକଣି, ଜାମୁଳାଇ ଆଦି ଗ୍ରାମରେ ବାତ୍ୟା ବିପନ୍ନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଓ ଅନ୍ୟ ସୁବିଧା ଯୋଗାଇ ଦିଆଯାଉଛି। ଏହା ପୂର୍ବରୁ ବିଡ଼େକା ପକ୍ଷରୁ ୨ଲକ୍ଷ ଟଙ୍କା, ଜଣେ ଅବସରପ୍ରାପ୍ତ ସେନା ଅଧିକାରୀ ନିଜର ଏକ ମାସର ଦରମା ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ପ୍ରଦାନ କରିଛନ୍ତି। ସେହିପରି ଭଞ୍ଜନଗର ସହରରେ ଥିବା ସମସ୍ତ ସରକାରୀ କର୍ମଚାରୀ ମଧ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ଜିଲା ପ୍ରଶାସନ ମାଧ୍ୟମରେ ସହାୟତା ଅର୍ଥ ପ୍ରଦାନ କରିଛନ୍ତି।

ବାତ୍ୟାରେ ବିଧ୍ୱସ୍ତ ବିଦ୍ୟୁତ୍ ସେବାକୁ ସ୍ୱାଭାବିକ କରିବା ପାଇଁ ଭଞ୍ଜନଗର ସାଉଥ୍‌କୋ ଅଧିକ୍ଷଣଯନ୍ତ୍ରୀ ଏମ୍‌ଡ଼ି. ସରୱର ସଦିକ୍‌ଙ୍କ ନେତୃତ୍ୱରେ ୧୦ଜଣ ଯନ୍ତ୍ରୀ ଓ ଅନେକ କୁଶଳୀ କାରିଗର ଭୁବନେଶ୍ୱରରେ ୧୦ଦିନ ହେଲା କାମରେ ଲାଗିଛନ୍ତି । ସାଉଥ୍‌କୋ ଏମ.ଆର.ଟି ନିର୍ବାହୀଯନ୍ତ୍ରୀ ତପନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ପୁରୀର କଣାସ ଠାରେ ପୁନରୁଦ୍ଧାର କାର୍ଯ୍ୟ କରୁଛନ୍ତି। ଗଞ୍ଜାମ ଜିଲା ଯୁବ ରେଡ଼କ୍ରସ ଅଧିକାରୀ ତଥା କ୍ଷତ୍ରିୟବରପୁର କଲେଜର ଅଧ୍ୟାପକ ବି.ଗୋବିନ୍ଦ ରାଓଙ୍କ ନେତୃତ୍ୱରେ ଯୁବ ରେଡ଼କ୍ରସର ୧୦ଜଣ ସ୍ୱେଚ୍ଛାସେବୀ ପୁରୀ ଜିଲାର ବିଭିନ୍ନ ଗ୍ରାମରେ ଲୋକଙ୍କୁ ସହାୟତା କରୁଛନ୍ତି। ସତ୍ୟସାଇ ସେବା ସଙ୍ଗଠନ ଗଞ୍ଜାମ ଜିଲା (ଖ)ର ସଭାପତି ପ୍ରତାପ ସ୍ୱାଇଁ, ସନ୍ତୋଷ ଜେନାଙ୍କ ନେତୃତରେ ସ୍ୱେଚ୍ଛାସେବୀମାନେ ପୁରୀରେ ରହି ବିଭିନ୍ନ ସହାୟତା କାର୍ଯ୍ୟ କରୁଛନ୍ତି।

### ନାବାଳକ ନିଖୋଜ, ଥାନାରେ ଏତଲା

**ଦିଗପହଣ୍ଡି,୧୬।୫(ଡି.ଏନ.ଏ.)**

ଦିଗପହଣ୍ଡି ଥାନା କୋଟିନଡ଼ା ଗ୍ରାମରୁ ଜଣେ ୧୦ ବର୍ଷିୟ ନାବାଳକ ଗୁରୁବାରଠାରୁ ନିଖୋଜ ହୋଇଯାଇଛନ୍ତି। କୋଟିନଡ଼ା ଗ୍ରାମରେ ନିଜ ଅଜା ଘରେ ରହି ପାଠ ପଢୁଥିବା ରୋଷନ ମହାରଣା ପୂର୍ବାହ୍ନରେ ଛୋଟ ସାଇକେଲ ଧରି ସ୍ୱପ୍ନେଶ୍ୱର ମନ୍ଦିର ରାସ୍ତାରେ ବୁଲୁଥିଲେ। ମଧ୍ୟାହ୍ନ ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ତେଣୁ ରୋଷନଙ୍କ ଅଜା ରମେଶ ମହାରଣା ଏ ନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ପୋଲିସ


ରୋଷନ (ଫାଇଲ ଫଟୋ)।

ଗାଁରେ ପହଞ୍ଚି ସରଜମିନ ତଦନ୍ତ କରିଛି। ଦିଗପହଣ୍ଡି ଥାନା ବାସୁଦେବପୁର ଗ୍ରାମର କୁନା ମହାରଣାଙ୍କ ପୁଅ ରୋଷନଙ୍କୁ କେହି ଅପହରଣ କରିଥିବା ପରିବାର ଲୋକେ ସନ୍ଦେହ କରିଥିବା ପୋଲିସକୁ କହିଛନ୍ତି । ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଟିମ ବିଭିନ୍ନ ସନ୍ଦିଗ୍ଧ ଅଞ୍ଚଳରେ ଚଢ଼ାଉ କରିଥିଲେ ରାତି ୮ଟା ସୁଦ୍ଧା ରୋଷନଙ୍କ ସନ୍ଧାନ ମିଳିପାରିନଥିବା ଆଇଆଇସି ଗୌରାଙ୍ଗ ଚରଣ ସାହୁ କହିଛନ୍ତି ।

### ଓଲଟିଲା ଜେସିବି ବୋଝେଇ ଟ୍ରକ

**ଦିଗପହଣ୍ଡି,୧୬।୫(ଡି.ଏନ.ଏ.)**

ଦିଗପହଣ୍ଡି-ବ୍ରହ୍ମପୁର ମୁଖ୍ୟରାସ୍ତାର ଗଣିଆନାଳ ଛକ ନିକଟରେ ଗୁରୁବାର ସକାଳେ ୨ଟି ଜେସିବି ମେସିନ ବୋଝେଇ କରିଥିବା ଏକ ଟ୍ରକ (ନଂ ଓଡି୩୩ଟି୭୦୬୫) ରାସ୍ତାକଡ଼କୁ ଓଲଟି ପଡ଼ିଛି । ବ୍ରହ୍ମପୁରରୁ ଦିଗପହଣ୍ଡି ଅଭିମୁଖେ ଯାଉଥିବା ୧୮ ଚକବିଶିଷ୍ଟ ଟ୍ରକଟି ନିୟନ୍ତ୍ରଣ ହରାଇ ଓଲଟି ପଡ଼ିଥିଲା। ଏଥିରେ କେହି ମୃତାହତ ହୋଇନଥିବା ଜଣାପଡ଼ିଛି ।

# ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା


କଳସ ଶୋଭାଯାତ୍ରା କରାଯାଉଛି।

**ଖଜୁରିପଡା,୧୬।୫**

ଖଜୁରିପଡା ବ୍ଲକ ଅଧୀନ ମା' ବରାଳଦେବୀ ପୀଠ ବଲସକୁମ୍ପା ତଫସିଲଭୁକ୍ତ ଜାତି ବସ୍ତିରେ ଶୁକ୍ରବାର ଅଷ୍ଟପ୍ରହର ନାମଯଜ୍ଞ ହେବ। ଏନେଇ ଗୁରୁବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା ପୁରୁଷ ଯଜ୍ଞ ମଣ୍ଡପରୁ ସମାବେଶରେ ବାହାରି ଜରିଘାଟ ନାଳ ନିକଟରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ମହିଳାମାନେ ଜଳ କଳସ ଧରି ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପ ନିକଟରେ ପହଞ୍ଚିଥିଲେ। ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ରହିଥିବା ଯଜ୍ଞ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ ବେହେରା, ସମ୍ପାଦକ ବିଜୟ ସାହାଣି ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମକୁ ମା' ଇଷ୍ଟଦେବୀ ଯୁବକଳା ପରିଷଦ ସଭାପତି ବିନାୟକ ସାହାଣୀ, ବବୁଲ ବେହେରା, ଉପସଭାପତି ଗୋକୁଳ ସାହାଣୀ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଟିଟ୍ରାପଙ୍ଗା ପଞ୍ଚାୟତ ଭୁକ୍ତାକେନାଲିରେ ମଧ ଗୁରୁବାର ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।

# ଭୋଟ ଗଣତି ତାଲିମ

**ଫୁଲବାଣୀ ଅଫିସ, ୧୬।୫**



ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ।

ଆସନ୍ତା ୨୩ରେ ଭୋଟ ଗଣତି ହେବ। କନ୍ଧମାଳ ଜିଲାର ଫୁଲବାଣୀ ଓ ବାଲିଗୁଡ଼ାରେ ଅନୁଷ୍ଠିତ ହେବାକୁ ଥିବା ଭୋଟ ଗଣତି କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପନ୍ନ କରିବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ସଦ୍‌ଭାବନା ସଭାଗୃହରେ ମୁଖ୍ୟ ପ୍ରଶିକ୍ଷକମାନଙ୍କୁ ଗୁରୁବାର ତାଲିମ ପ୍ରଦାନ କରାଯାଇଛି। ମୁଖ୍ୟ ପ୍ରଶିକ୍ଷକ ଭାବେ ମନୋନୀତ ଜିଲାର କେତେକ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ, ରାଜସ୍ୱ ସେବା ଅଧିକାରୀ ଏବଂ କମ୍ପ୍ୟୁଟର୍ ପ୍ରୋଗ୍ରାମର୍‌ମାନଙ୍କୁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ତାଲିମ ପ୍ରଦାନ କରାଯାଇଥିଲା। ତାଲିମପ୍ରାପ୍ତ ମୁଖ୍ୟ ପ୍ରଶିକ୍ଷକମାନେ ଭୋଟ ଗଣତି କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ଗଣତି ପର୍ଯ୍ୟବେକ୍ଷକ, ଗଣତି ସହାୟକ ଏବଂ ମାଇକ୍ରୋ ଅବ୍‌ଜର୍ଭର୍‌ମାନଙ୍କୁ ଆଗାମୀ ୧୮ ଓ ୧୯ ତାରିଖ ଦିନ ସ୍ଥାନୀୟ ପଲିଟେକ୍‌ନିକ୍ ଅନୁଷ୍ଠାନରେ ତାଲିମ ପ୍ରଦାନ କରିବେ। ଓଡ଼ିଶା ନିର୍ବାଚନ ଆୟୋଗଙ୍କ ପ୍ରମୁଖ ପ୍ରଶିକ୍ଷକ ଦେବେନ୍ଦ୍ର ପ୍ରସାଦ ଦାସଙ୍କ ସମେତ ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ବସନ୍ତ କୁମାର ସାହୁ, ବାଲିଗୁଡ଼ା ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭୌସାହେବ, କନ୍ଧମାଳ ଉପଜିଲାପାଳ ସୁଚାରୁ କୁମାର ବଳ ପ୍ରମୁଖ ପ୍ରଶିକ୍ଷକ ଭାବେ ତାଲିମ ପ୍ରଦାନ କରିଥିଲେ।

# ଭୋଟ ଗଣତି ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ

**ଭଞ୍ଜନଗର,୧୬।୫(ଡି.ଏନ.ଏ)**

ଆସନ୍ତା ୨୩ ତାରିଖରେ ଭୋଟ ଗଣତି ହେବ। ଏଥିପାଇଁ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରେ ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ଏଠାରେ ଆସିକା, ସୋରଡ଼ା ଓ ଭଞ୍ଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଓ ଲୋକ ସଭାର ଭୋଟ ଗଣତି ହେବ। ଏହା ପୂର୍ବରୁ ପୂର୍ତ୍ତ ବିଭାଗର ଯନ୍ତ୍ରୀ ଏବଂ ଉପଖଣ୍ଡ ପ୍ରଶାସନର ବିଭିନ୍ନ ଅଧିକାରୀମାନେ ଆସି ତଦାରଖ କରୁଛନ୍ତି। ପ୍ରଥମଥର ପାଇଁ ଭୋଟ ଗଣତିରେ ମହିଳା କର୍ମଚାରୀଙ୍କୁ ନିୟୋଜିତ କରିବାକୁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଯୋଜନା ହୋଇଛି। ଭୋଟ ଗଣତି ଦିନ ଭଞ୍ଜନଗର କଲେଜ ଅଞ୍ଚଳରେ ଭିଡ଼ ହେବା ସମ୍ଭାବନାକୁ ଦେଖି ପୋଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ବର୍ତ୍ତମାନ ସିଆରପିଏଫ୍ ଯବାନ ଷ୍ଟ୍ରଙ୍ଗ୍ ରୁମ୍ ସୁରକ୍ଷା ଦାୟିତ୍ୱରେ ଅଛନ୍ତି।


ଭୋଟଗଣତି ହଲ୍‌କୁ ପୂର୍ତ୍ତ ବିଭାଗ ଯନ୍ତ୍ରୀ ତଦାରଖ କରୁଛନ୍ତି।

# ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ର, ଅଭିଭାବକଙ୍କ ଧାରଣା

**ସୋରଡା,୧୬।୫(ଡି.ଏନ୍.ଏ.)**

### ଏକାଦଶ ଶ୍ରେଣୀ ଖୋଲିବାକୁ ପୋଷ୍ଟକାର୍ଡ ଅଭିଯାନ

ଆଦର୍ଶ ବିଦ୍ୟାଳୟରେ ଏକାଦଶ ଶ୍ରେଣୀ ଖୋଲିବାକୁ ଛାତ୍ରୀଛାତ୍ର, ଅଭିଭାବକମାନେ ଜୋରସୋର ଉଦ୍ୟମ ଆରମ୍ଭ କରିଥିବା ଜଣାପଡିଛି। ଗୁରୁବାର ସକାଳ ୯ଟାରୁ ଛାତ୍ରୀଛାତ୍ର ଓ ଅଭିଭାବକ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣାରେ ବସିଥିଲେ। ତହସିଲଦାର ଅମର କୁମାର ବସନ୍ତରାୟ ପହଞ୍ଚି ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ। ଏଠାରେ ଏକାଦଶ ଶ୍ରେଣୀ ଖୋଲିବା ସମ୍ପର୍କରେ ହୋଇଥିବା ଦାବିପତ୍ରକୁ ଉପଜିଲାପାଳ ଭଞ୍ଜନଗର ଓ ଗଞ୍ଜାମ ଜିଲାପାଳଙ୍କୁ ଜଣାଇ ଦିଆଯାଇଥିବା ସେ କହିଥିଲେ। ଏହାପରେ ଧାରଣା ହଟିଥିଲା। ସମସ୍ତ ବିଦ୍ୟାର୍ଥୀ ପୋଷ୍ଟକାର୍ଡ ମାଧ୍ୟମରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ମଧ ଅବଗତ କରିଥିଲେ।

ସୂଚନାଯୋଗ୍ୟ, ଏଠାରେ ଆଦର୍ଶ ବିଦ୍ୟାଳୟ ଖୋଲିବାର ୪ବର୍ଷ ହୋଇଯାଇଥିଲେ ମଧ ଚଳିତଥର ଏକାଦଶ ଖୋଲିବା ପାଇଁ ଅନୁମତି ମିଳିପାରିନି। ତେଣୁ ସମସ୍ତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି। ଚଳିତଥର ମାଟ୍ରିକ ପାସ୍ କରିଥିବା ଏହି ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ପାଇଁ ଏବେ ସମସ୍ୟା ସୃଷ୍ଟି ହୋଇଛି। ୫୮ ଛାତ୍ରୀଛାତ୍ର ମାଟ୍ରିକ୍ ପାସ୍ କରିଥିବାବେଳେ ଏବେ କିପରି ଉଚ୍ଚ ଶିକ୍ଷା କରିବେ ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ଦାବି ହେଉଛି।


ତହସିଲ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ଧାରଣା।

# କବିସୂର୍ଯ୍ୟନଗରରେ ଚାଲିଛି ବେଆଇନ ଇଟାଭାଟି

**କବିସୂର୍ଯ୍ୟନଗର,୧୬।୫**

କବିସୂର୍ଯ୍ୟନଗର ତହସିଲ ଅଞ୍ଚଳରେ ଚାଲିଛି ବେଆଇନ ଇଟାଭାଟି। ପୋଲିସ ଓ ତହସିଲ କର୍ତ୍ତୃପକ୍ଷ ସବୁ ଜାଣି ନୀରବ ରହୁଛନ୍ତି। ରାଜସ୍ୱ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଏନ୍‌ଜିଟିର ନିର୍ଦ୍ଦେଶନାମା ପାଳନ ହେଉନି। ଏହା ଉପରେ ଦୃଢ଼ ପଦକ୍ଷେପ ନିଆଯାଉ ନ ଥିବାରୁ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ସହ ପରିବେଶ ପ୍ରଦୂଷିତ ହୋଇ ତାତି ବଢ଼ାଉଛି। ଫଳରେ ସାଧାରଣ ଜନଜୀବନ ପ୍ରଭାବିତ ହେଉଛି। ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଇଟାଭାଟି ନିଆଁ ଧାସ ଓ ଧୂଆଁ ଅଞ୍ଚଳବାସୀଙ୍କୁ ଅସ୍ତବ୍ୟସ୍ତ କରିଦେଉଛି। ଦିନବେଳା ସାଧାରଣ ତାପମାତ୍ରା ୪୩ ଡିଗ୍ରୀରୁ ଅଧିକ ରହୁଥିବା ବେଳେ ରାତିରେ ବି ତାତିରୁ ନିସ୍ତାର ପାଉନାହାନ୍ତି ଲୋକେ। ରାଜସ୍ୱ ବିଭାଗର କୌଣସି କଟକଣାକୁ ଖାତିର ନ କରି କବିସୂର୍ଯ୍ୟନଗର ଅଞ୍ଚଳରେ ବେଆଇନ ପୋଡ଼ା ଇଟାଭାଟି ବ୍ୟବସାୟ ଚଳାଉଥିବା ଅଭିଯୋଗ ହେଉଛି । ବିଦ୍ୟାଳୟ, ଜନବସତି ଓ ଦାତବ୍ୟ ଅନୁଷ୍ଠାନ ନିକଟରେ ପୋଡ଼ା ଇଟାଭାଟି ଗଢ଼ି ଉଠୁଛି। ଆଠଗଡ଼, ବଡ଼ଆଗୁଳ, ଗୁଡ଼ିଆଳି, ଜରଡ଼, ପାଇକଯମୁନା, ଖଇଡ଼ା, ଆମ୍ବପୁଆ, ବଡ଼ମହୁରୀ, ବରିଡ଼ା ଏ. ଗଙ୍ଗାପୁର, କନିଆରୀ ଓ ସୁନାପଲ୍ଲୀ ଆଦି ବହୁ ପଞ୍ଚାୟତ, ଗ୍ରାମରେ ଶତାଧିକ ପୋଡ଼ା ଇଟାଭାଟି ଚାଲିଛି। ଏ ସମ୍ପର୍କରେ ତହସିଲଦାର ପ୍ରକାଶ ମିଶ୍ରଙ୍କୁ ପଚାରିବାରୁ ସେମାନଙ୍କୁ ନୋଟିସ ଦିଆଯାଇଛି, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।


ବେଆଇନ ଇଟାଭାଟି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ଶୁକ୍ରବାର, ମେ ୧୭/୨୦୧୯ | Berhampur, Friday, May 17 / 2019

# ୧୮ରେ ପ୍ରକାଶ ପାଇବ ବ୍ରହ୍ମପୁର ମାମଲାର ଚୂଡ଼ାନ୍ତ ରାୟ

**ବ୍ରହ୍ମପୁର ଅଫିସ,୧୬।୫**

**ସବ୍ୟସାଚୀ ଗିରଫ ମାମଲା**

ବ୍ରହ୍ମପୁର ମଣ୍ଡଳ କାରାଗାରରେ ଏବେ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି। ବ୍ରହ୍ମପୁର ପୋଲିସ ଜିଲାରେ ତାଙ୍କ ନାମରେ ୩ଟି ମାମଲା ରହିଛି। ୨୦୧୪ ଜୁଲାଇ ୧୭ତାରିଖରେ ବଡ଼ବଜାର ପୋଲିସ ସବ୍ୟସାଚୀଙ୍କୁ ମଙ୍ଗଳବାରମ୍‌ପେଟାର ଏକ ଭଡ଼ାଘରୁ ଗିରଫ କରିଥିଲା। ଏସ୍‌ଟି ମାମଲା ନଂ. ୩୪/୧୫ ମାମଲାର ଅତିରିକ୍ତ ଜିଲା ଦୌରାଜଜ୍ -୧ ସଞ୍ଜୟ କୁମାର ସାହୁଙ୍କ କୋର୍ଟରେ ଘର ମାଲିକ ଏ. ଚନ୍ଦ୍ରା ରାଓ ଏବଂ ତାଙ୍କ ମାଆ ଏ. ଲକ୍ଷ୍ମୀ ରାଓଙ୍କ ସମେତ ୧୬ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇସାରିଛି । ବ୍ରହ୍ମପୁରରେ ବିଚାରାଧୀନ ଥିବା ମାମଲାର ଚୂଡ଼ାନ୍ତ ରାୟ ଆସନ୍ତା ୧୮ ତାରିଖରେ ପ୍ରକାଶ ପାଇବ ବୋଲି ସବ୍ୟସାଚୀଙ୍କ ଓକିଲ ଦୀପକ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ପୂର୍ବରୁ ସବ୍ୟସାଚୀ ୨ଟି ମାମଲାରେ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇସାରିଛନ୍ତି ବୋଲି ଦୀପକ ପଟ୍ଟନାୟକ କହିଛନ୍ତି। ମଧ୍ୟସ୍ଥ ଦଣ୍ଡପାଣି ମହାନ୍ତିଙ୍କ ଘରକୁ ମାଓବାଦୀ ପ୍ରଚାର ପତ୍ର ଓ କାର୍ଯ୍ୟକଳାପ ସମ୍ପର୍କିତ କାଗଜପତ୍ର ପଠାଇବା ମାମଲା, ଜାତୀୟ ରାଜପଥ ୧୬ରୁ ୨ ଜଣ ସନ୍ଦିଗ୍ଧଙ୍କୁ ଗୋଷାଣୀନୂଆଗାଁ ପୋଲିସ ଧରି ଜେରା ବେଳେ ତାଙ୍କ ନିକଟରୁ ଦୁଇଟି ବନ୍ଧୁକ ମିଳିଥିଲା । ସେହି ବନ୍ଧୁକଗୁଡ଼ିକ ସବ୍ୟସାଚୀ ଦେଇଥିବା ମାମଲାରେ ସବ୍ୟସାଚୀ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇ ସାରିଛନ୍ତି। ମିଳିଥିବା ସୂଚନାନୁସାରେ, ସବ୍ୟସାଚୀଙ୍କ ନାଁରେ ବ୍ରହ୍ମପୁର ପୋଲିସ ଜିଲା, ଗଞ୍ଜାମ, ଗଜପତି, ରାୟଗଡ଼ା, ନୟାଗଡ଼ ଓ କନ୍ଧମାଳରେ ୧୩୪ ମାମଲା ରହିଥିବା ବେଳେ ସେ ୫୧ ମାମଲାରେ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି ବୋଲି ତାଙ୍କ ଓକିଲ ପଟ୍ଟନାୟକ ସୂଚନା ଦେଇଛନ୍ତି । ସବ୍ୟସାଚୀଙ୍କ ନାଁରେ ବ୍ରହ୍ମପୁରରେ ୩, ପାରଳାଖେମୁଣ୍ଡିରେ ୪୦, ରାୟଗଡ଼ାରେ ୫, ଦଶପଲ୍ଲାରେ ୧୧, ଭଞ୍ଜନଗରରେ ୨୨ ଓ ବାଲିଗୁଡ଼ାରେ ୯ ମାମଲା ରହିଥିବା ଜଣାପଡ଼ିଛି ।

■ ଗୋଚର ଜମିରେ ଚିଙ୍ଗୁଡ଼ିଘେରି ପ୍ରସଙ୍ଗ

# ୩ ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

**ବାହାନଗା, ୧୬।୫(ଡି.ଏନ.ଏ.)**



ବାଉଁଶଆଡ଼ିଆ ଗ୍ରାମରେ ଥିବା ଚିଙ୍ଗୁଡ଼ି ଘେରି।

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତର ବାଉଁଶଆଡ଼ିଆ, ଉପରଆଡ଼ିଆ ଅଞ୍ଚଳରେ ଥିବା ସରକାରୀ ଗୋଚର ଜମିରେ ଚିଙ୍ଗୁଡି ଘେରି ନିର୍ମାଣ ପ୍ରସଙ୍ଗ ଗତ ୪ ମାସ ଧରି କୋର୍ଟରେ ବିଚାରାଧୀନ ରହିଛି। ହାଇକୋର୍ଟ ୩ ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ବାଲେଶ୍ୱର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବାଉଁଶଆଡ଼ିଆ, ଉପରଆଡ଼ିଆ, ରାମତାଳିଆଡ଼ିଆ ଆଦି ସମୁଦ୍ର ଉପକୂଳ ଅଞ୍ଚଳରେ ଥିବା ଶହ ଶହ ଏକର ସରକାରୀ ଗୋଚର, ଅନାବାଦି ଜମି ଉପରେ ଚିଙ୍ଗୁଡି ମାଫିଆମାନେ ଜବରଦସ୍ତ ନିଜ ଅଧୀନକୁ ନେଇ ଚିଙ୍ଗୁଡ଼ିଘେରି କରିଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ଗୋରୁଗାଇ ଚରିବା ପାଇଁ କୌଣସି ସ୍ଥାନ ନାହିଁ। ଅନ୍ୟପକ୍ଷରେ ଚିଙ୍ଗୁଡି ମାଫିଆମାନେ ସମ୍ପୃକ୍ତ ଅଞ୍ଚଳରେ ଥିବା ସରକାରୀ ରାସ୍ତାକୁ ମଧ୍ୟ ନିଜ ଅଧୀନକୁ ନେଇ ତା' ଉପରେ ପୋଖରୀ ଖୋଳି ଘେରି ନିର୍ମାଣ କରିପକାଇଛନ୍ତି। ଫଳରେ ଲୋକମାନେ ଯାତାୟାତ କରିବାରେ ସମସ୍ୟା ଭୋଗୁଛନ୍ତି। ଏନେଇ ଗ୍ରାମବାସୀ ଗୋଚର ଜମି ଓ ସରକାରୀ ଜମିକୁ ମୁକ୍ତ କରିବା ପାଇଁ ବାଲେଶ୍ୱର ଜିଲାପାଳ, ବାହାନଗା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ସେ ଅଞ୍ଚଳର ରାଧାକୃଷ୍ଣ ଯୁବ ସଙ୍ଗଠନ ସଭାପତି ପ୍ରଶାନ୍ତ ବାରିକ ଗତ ଫେବୃୟାରୀରେ ହାଇକୋର୍ଟରେ ଡବ୍ଲ୍ୟୁ. ପି.ସି. ନମ୍ବର ଏକ ମାମଲା(ନଂ. ୭୫୭୪/୧୯) ରୁଜୁ କରିଥିଲେ। ଏହି ମାମଲାର ବିଚାର କରି ହାଇକୋର୍ଟ ବାଲେଶ୍ୱର ଜିଲାପାଳଙ୍କୁ ୩ ମାସ ମଧ୍ୟରେ ନିଷ୍ପତ୍ତି ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ମାମଲାରେ ଚଳିତବର୍ଷ ଜାନୁୟାରୀ ୨୧ତାରିଖରେ ଗ୍ରାମବାସୀ ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ସମୁଦ୍ର କୂଳରୁ ଅଳ୍ପ ଦୂରରୁ ବୋହିଯାଇଥିବା କୋଷ୍ଟ କେନାଲକୁ ବନ୍ଧ ପକାଇ ଚିଙ୍ଗୁଡି ଘେରି କରାଯାଇଛି। ସମୁଦ୍ରରୁ ଆସୁଥିବା ଜୁଆରପାଣି ଲୋକମାନଙ୍କ ଚାଷ ଜମିକୁ ପ୍ରବେଶ କରିବାରୁ ଚାଷ ନଷ୍ଟ ହେଉଛି। ଏଭଳି ବେଆଇନ କାର୍ଯ୍ୟ ବହୁ ଚିଙ୍ଗୁଡ଼ି ଘେରି ମାଲିକମାନେ କରୁଥିବାରୁ ବର୍ଷାଦିନେ ପ୍ରବଳ ବନ୍ୟା ହେଉଛି। ଏଥିପ୍ରତି ସ୍ଥାନୀୟ ଲୋକମାନେ ପ୍ରଶାସନଠାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସାମାଜିକ କର୍ମୀ ପ୍ରଶାନ୍ତ ବାରିକ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ।

## ବଡ଼କୋଦଣ୍ଡା ଛକରେ ବୋମାମାଡ଼

**ଭଞ୍ଜନଗର,୧୬।୫(ଡି.ଏନ.ଏ)**

ଭଞ୍ଜନଗର ଥାନା ଅନ୍ତର୍ଗତ ବଡ଼କୋଦଣ୍ଡା ଛକ ନିକଟ ଏକ ହୋଟେଲକୁ ଲକ୍ଷ୍ୟ କରି ଗୁରୁବାର ରାତି ପ୍ରାୟ ୯ଟା ୪୫ରେ ଦୁଇଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ବୋମାମାଡ଼ କରିଛନ୍ତି । ଏଥିରେ ହୋଟେଲର ଜଣେ କର୍ମଚାରୀ ଆହତ ହୋଇଛନ୍ତି । ତାଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦାଦାବଟିଙ୍କୁ ନେଇ ଏହି ବୋମାମାଡ଼ ହୋଇଥିବା ଆଶଙ୍କା କରାଯାଉଛି। ଏହି ଘଟଣାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଘଟଣାର ତଦନ୍ତ କରୁଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି କେଉଁ କାରଣରୁ ଏହି ବୋମା ମାଡ଼ ହେଲା ସେ ନେଇ ସଠିକ୍ ଭାବେ ଜଣାପଡ଼ିନାହିଁ । ଶୁକ୍ରବାର ରହସ୍ୟ ଉନ୍ମୋଚିତ ହେବ।

















2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ